## ସଂକ୍ଷେପରେ

### ସ୍କୁଲର ବାର୍ଷିକ ଉତ୍ସବ
## ମୂଲ୍ୟବୋଧ ଭିତ୍ତିକ ଶିକ୍ଷାକୁ ଗୁରୁତ୍ୱ



**ଡେରାବିଶ, ୨୮।୪ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ କାଉପଡ଼ା ପଞ୍ଚାୟତ ଠକେଇ ନେଉଳିସ୍ଥିତ ସେଣ୍ଟ ଜାଭିୟର୍ସ ସ୍କୁଲର ବାର୍ଷିକ ଉତ୍ସବ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ବନଲତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପ୍ରାଧ୍ୟାପକ ଅଜୟ କୁମାର ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ହଳଧର ଦାଶ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ପ୍ରମୋଦ କୁମାର ବେହେରା ଯୋଗଦେଇ ପିଲାମାନଙ୍କ ନୈତିକ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ମତବ୍ୟକ୍ତ କରିଥିଲେ। ଉତ୍ସବରେ ସ୍କୁଲ ଅଧ୍ୟକ୍ଷ ହିମାଂଶୁ ଶେଖର ପରିଡ଼ା ବାର୍ଷିକ ବିବରଣୀ ପାଠ କରିବା ସହ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍କୁଲ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରାଜକନିକା ବ୍ଲକ: ୨୫ ବୁଥ୍ ଅତି ସମ୍ବେଦନଶୀଳ

**ରାଜକନିକା, ୨୮।୪(ଡି.ଏନ୍.ଏ.):** ରାଜକନିକା ବ୍ଲକରେ ସୋମବାର ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ଲକର ୨୯ ପଞ୍ଚାୟତରେ ମତଦାନ ପାଇଁ ୧୫୩ଟି ବୁଥ୍ ସ୍ଥାପନ କରାଯାଇଛି। ବୁଥ୍‌ଗୁଡିକରେ ପୋଲିଂ ପାର୍ଟି ପହଞ୍ଚି ସାରିଛନ୍ତି। ଏଥିରୁ ୨୫ ବୁଥ ଅତି ସମ୍ବେଦନଶୀଳ ବୋଲି ଜଣାପଡିଛି। ଆଗାମୀ ନିର୍ବାଚନରେ ୧ଲକ୍ଷ ୭୨ ହଜାର ମତଦାନ କରିବେ। ଚଳିତବର୍ଷ ୩ ହଜାର ନୂତନ ଭୋଟର ମତଦାନ କରିବେ ବୋଲି ଜଣାପଡିଛି। ସମୁଦାୟ ୯୧୮ ଜଣ କର୍ମଚାରୀ ମତଦାନ କାର୍ଯ୍ୟରେ ନିଯୁକ୍ତି ହୋଇଥିବା ସୂଚନା ମିଳିଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

## ଚକିବାଙ୍କରେ ଭିନ୍ନକ୍ଷମଙ୍କ ପାଇଁ ଆଦର୍ଶ ବୁଥ୍

**ରାଜନଗର, ୨୮।୪(ଡି.ଏନ.ଏ.):** ରାଜନଗର ନିର୍ବାଚନମଣ୍ଡଳୀ ରାଜନଗର ବ୍ଲକ ବନ୍ଧପଡା ପଞ୍ଚାୟତର ଚକିବାଙ୍କ ଗ୍ରାମରେ ଭିନ୍ନକ୍ଷମଙ୍କ ପାଇଁ ଆଦର୍ଶ ବୁଥ୍ କରାଯାଇଛି। ଏହି ଗ୍ରାମରେ ସର୍ବାଧିକ ୪୩ ଜଣ ଭିନ୍ନକ୍ଷମ ଭୋଟର ଅଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଭିନ୍ନକ୍ଷମଙ୍କ ପାଇଁ ଚକିବାଙ୍କ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୨୭ ନମ୍ବର ବୁଥରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୋମବାର ଏହି ଆଦର୍ଶ ବୁଥ୍‌ରେ ଭିନ୍ନକ୍ଷମମାନଙ୍କୁ ଉତ୍ସାହିତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବୁଥ ମଧ୍ୟରେ କାର୍ପେଟ ବିଛାଯିବା ସହ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ସେହିପରି ଏହି ବ୍ଲକର କେରଡାଗଡ ଗ୍ରାମରେ ୧୦୦ ଓ ୧୦୧ ବୁଥ ଏବଂ ରାଜନଗର ହାଇସ୍କୁଲ କେନ୍ଦ୍ରରେ ହୋଇଥିବା ୧୩୪ ଓ ୧୩୫ ବୁଥ୍‌କୁ ଆଦର୍ଶ ବୁଥ୍ ଭାବେ ଚିହ୍ନଟ କରାଯାଇଛି।

### ଦେଖିବାକୁ ମିଳିବ ହାଇପ୍ରୋଫାଇଲ ଟକ୍କର
# ଆଜି ୪୩ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ

**କେନ୍ଦ୍ରାପଡା ଅଫିସ, ୨୮।୪**

ରାଜ୍ୟର ୪ର୍ଥ ପର୍ଯ୍ୟାୟ ପାଇଁ ସୋମବାର ମତଦାନହେବ।ଏହିଅବସରରେକେନ୍ଦ୍ରାପଡା ଜିଲାର ଗୋଟିଏ ଲୋକ ସଭା ସମେତ

ଆଳି, ରାଜନଗର, ମହାକାଳପଡା, କେନ୍ଦ୍ରାପଡା ବିଧାନ ସଭା ଆସନ ପାଇଁ ନିର୍ବାଚନ ହେବ। ମାତ୍ର ପାଟକୁରାରେ କେବଳ ଲୋକ ସଭା ବ୍ୟତୀତ ବିଧାନସଭା ଆସନ ପାଇଁ ନିର୍ବାଚନ ଏବେ ହେବନାହିଁ। ମେ ୧୯ରେ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ହେବ। ୪ର୍ଥ ପର୍ଯ୍ୟାୟରେ ହେବାକୁ ଥିବା ଏହି ନିର୍ବାଚନରେ କେନ୍ଦ୍ରାପଡା ଜିଲାର ୧୧,୭୯,୯୦୨ ଜଣ ଭୋଟର ମତଦାନ ସାବ୍ୟସ୍ତ କରିବେ।

ସୂଚନାଯୋଗ୍ୟ, ଜିଲାର ଗୋଟିଏ ଲୋକ ସଭା ଆସନ ପାଇଁ ୭ ଜଣ ଓ ୪ ବିଧାନସଭା ଆସନ ପାଇଁ ୩୬ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ସେମାନଙ୍କ ମଧ୍ୟରେ ବହୁ ହାଇପ୍ରୋଫାଇଲ ନେତା ରହିଛନ୍ତି। ଏହି ନେତାମାନଙ୍କ ଉପରେ ସଭିଙ୍କ ନଜର ରହିଛି।

> **କେନ୍ଦ୍ରାପଡ଼ା**
> - ବୈଜୟନ୍ତ ଓ ଅନୁଭବଙ୍କ ଉପରେ ସଭିଙ୍କ ନଜର
> - ଶଶିଭୂଷଣ, ଗଣେଶ୍ୱର, ଅତନୁ, ପ୍ରତାପ ଓ ଅଂଶୁମାନ ଚର୍ଚ୍ଚାରେ

ଗତ ଥରର ବିଜେଡି ଏମପି ବୈଜୟନ୍ତ ପଣ୍ଡା ଏବେ ଭାଜପାରେ ଯୋଗଦେଇ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହୋଇଛନ୍ତି। ଏଥିସହ ଚଳିତ ନିର୍ବାଚନରେ କେନ୍ଦ୍ରାପଡା ଲୋକ ସଭା ଆସନ ପାଇଁ ଦଳୀୟ ପ୍ରାର୍ଥୀ ହୋଇଛନ୍ତି। ଏହା ବିଜେଡି ପାଇଁ ଚାଲେଞ୍ଜ ସୃଷ୍ଟି କରିଛି। ଏଠାରେ ବିଜେଡି ପକ୍ଷରୁ ଓଲିଉଡ ଷ୍ଟାର ତଥା ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ଏହି ଦୁଇ ଜଣଙ୍କୁ ଟକ୍କର ଦେଉଛନ୍ତି ଆଇନଜୀବୀ ଧରଣୀଧର ନାୟକ। ସେହିପରି ଆଳି ବିଧାନସଭା କ୍ଷେତ୍ରରେ ବିଧାୟକ ତଥା କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଶର୍ମା ଓ ବିଜେଡି ପ୍ରାର୍ଥୀ ତଥା ରାଜ୍ୟସଭା ସଦସ୍ୟ ପ୍ରତାପ କେଶରୀ ଦେବଙ୍କ ମଧ୍ୟରେ ମୁକାବିଲା ହେବାକୁ ଯାଉଛି। ଏଠାରେ ଭାଜପା ପ୍ରାର୍ଥୀ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ ମଧ୍ୟ ସେମାନଙ୍କୁ କଡ଼ା ଟକ୍କର ଦେବେ ବୋଲି ଆଲୋଚନା ହେଉଛି। ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ବିଜେଡି ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବିଜୟ ପ୍ରଧାନ ହୋଇଛନ୍ତି। ରାଜନଗରରେ ବିଧାୟକ ଅଂଶୁମାନ ମହାନ୍ତି କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିରୁ ଧ୍ରୁବଚରଣ ସାହୁ ଓ ଭାଜପାରୁ ଅଲେଖ ଜେନା ତାଙ୍କୁ କଡା ଟକ୍କର ଦେଉଛନ୍ତି। ସେହିପରି କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ପାଇଁ ବିଜେଡି ପ୍ରାର୍ଥୀ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଓ କଂଗ୍ରେସ ପ୍ରାର୍ଥୀ ଗଣେଶ୍ୱର ବେହେରାଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବ ବୋଲି ଆଲୋଚନା ହେଉଛି। ଶଶିଭୂଷଣ ଏବେ ମନ୍ତ୍ରୀ ଥିବା ବେଳେ ଗଣେଶ୍ୱର କଂଗ୍ରେସ ଶାସନ ସମୟରେ ମନ୍ତ୍ରୀ ପଦରେ ଥିଲେ। ଏହି ଆସନ ଏବେ ଏହି ଦୁଇ ହେଭିୱେଟଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଛି।

ଅପରପକ୍ଷେ ପାଟକୁରା ବିଧାନସଭା ଆସନ ପାଇଁ ମେ ୧୯ରେ ନିର୍ବାଚନ ହେବ। ଏହିଆସନରୁ ନିର୍ବାଚନ ଲଢ଼ିବାକୁ ଥିବା ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ବେଦପ୍ରକାଶ ଅଗ୍ରୱାଲଙ୍କ ମୃତ୍ୟୁ ପରେ ଏଠାରେ ଭୋଟଦାନ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ଏହି ନିର୍ବାଚନ ମଣ୍ଡଳୀରୁ ଭାଜପାର ହେଭିୱେଟ ନେତା ବିଜୟ ମହାପାତ୍ର ଓ କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଆସନ୍ତା ମେ ୧ ତାରିଖ ସୁଦ୍ଧା ବିଜେଡି ପ୍ରାର୍ଥୀ ପାଟକୁରାରୁ ନାମାଙ୍କନପତ୍ର ଦାଖଲ କରିବା ପରେ ଏଠାରେ ନିର୍ବାଚନ ଲଢ଼େଇ ଜୋର ଧରିବ ବୋଲି ଚର୍ଚ୍ଚା ହେଉଛି।

ସୋମବାର କେବଳ କେନ୍ଦ୍ରାପଡା ଲୋକ ସଭା ଆସନ ପାଇଁ ଏଠାରେ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ କେନ୍ଦ୍ରାପଡା ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଦାଶରଥି ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନୀ ପ୍ରସ୍ତୁତି ଶେଷ ହୋଇଛି।



ଆଳି ବ୍ଲକ ଅଧୀନ ଏକ ବୁଥ୍‌ରେ ପୋଲିଂ କର୍ମଚାରୀଙ୍କ ପ୍ରସ୍ତୁତି।

## ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨ଲକ୍ଷ ୫୭ ହଜାର ଭୋଟର

**ଆଳି, ୨୮।୪ (ଡି.ଏନ୍.ଏ.)**

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ଭୋଟଗ୍ରହଣ ଥିବାରୁ ରବିବାର ସନ୍ଧ୍ୟା ସୁଦ୍ଧା ଆଳି ନିର୍ବାଚନମଣ୍ଡଳୀ ଅଧୀନ ସମସ୍ତ ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚି ସାରିଛନ୍ତି। ନିର୍ବାଚନକୁ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ଶେଷ କରିବାକୁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ସମ୍ବେଦନଶୀଳ ବୁଥ୍‌ଗୁଡ଼ିକରେ ପୋଲିସ ଓ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଆଳି ନିର୍ବାଚନମଣ୍ଡଳୀ ଅଧୀନ ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ସବୁଦାୟ ଭୋଟର ସଂଖ୍ୟା ୨, ୫୭,୦୦୦। ୬୩ ପଂଚାୟତକୁ ନେଇ ଗଠିତ ନିର୍ବାଚନମଣ୍ଡଳୀରେ ଭୋଟ ଦାନ ପାଇଁ ୩୧୮ ବୁଥ୍ କରାଯାଇଛି। ଆଳି ବ୍ଲକରେ ୧୬୫ ବୁଥ୍‌ରେ ସନ୍ଧ୍ୟା ସୁଦ୍ଧା ୯୯୦ ଜଣ ପୋଲିଂ କର୍ମଚାରୀ ପହଞ୍ଚି ସାରିଛନ୍ତି। ସମସ୍ତ ବୁଥ୍‌ରେ ଜଣେ ଲେଖାଏଁ ପ୍ରିଜାଇଡିଂ ଅଫିସର ଓ ୫ଜଣ ପୋଲିଂ ଅଫିସର ନିୟୋଜିତ ହୋଇଛନ୍ତି। ଭୋଟଦାନକୁ ଠିକ ଭାବେ ପରିଚାଳନା କରିବାକୁ ୨୧ ଜଣ ସେକ୍ଟର ଅଫିସରଙ୍କୁ ନିୟୋଜିତ କରାଯାଇଛି। ଅପରପକ୍ଷରେ ପ୍ରତ୍ୟେକ ଟିମରେ ଜଣେ ଲେଖାଏଁ ପୋଲିସ କନଷ୍ଟେବଳ ନିୟୋଜିତ ହୋଇଛନ୍ତି। ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ଶେଷ କରିବାକୁ ଆଳି ପୋଲିସ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିବା ଆଳି ଆଇଆଇସି ସଲିଳ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଆଳି ବ୍ଲକରେ ୮ଟି ଅତି ସମ୍ବେଦନଶୀଳ ଓ ୨୦ଟି ସମ୍ବେଦନଶୀଳ ବୁଥ୍ ରହିଛି। ୩/୪ ଜଣ ସିଆରପିଏଫ୍, ଜଣେ ଡିଏସ୍‌ପିଙ୍କ ସହିତ ପୋଲିସ ଟିମକୁ ୨ ଟି ସେକ୍ଟରରେ ଭାଗ କରାଯାଇ ନିର୍ବାଚନକୁ ଅବାଧରେ ପରିଚାଳନା କରାଯିବା ନିମନ୍ତେ ଉକ୍ତ ବୁଥ୍‌ଗୁଡ଼ିକରେ ନିୟୋଜିତ ହୋଇଛନ୍ତି।

ସୂଚନାଯୋଗ୍ୟ, ଆଳିର ବିଭିନ୍ନ ବୁଥ୍‌ରେ ନିୟୋଜିତ ପ୍ରିଜାଇଡିଂ ଅଫିସର୍ ଓ ପୋଲିଂ ଅଫିସରଙ୍କ ମଧ୍ୟରୁ ୬ ଜଣ ଶନିବାର ରାତିରେ ଆଳିରେ ପହଞ୍ଚିବା ପରେ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଚିକିତ୍ସା କରାଯିବା ପରେ ସେମାନଙ୍କ ସ୍ଥାନରେ ରିଜର୍ଭ ଥିବା ନୂତନ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ଆଳି ବିଡିଓ ଜୟନ୍ତ କୁମାର ପୃଷ୍ଟି ସୂଚନା ଦେଇଛନ୍ତି।

## ନିର୍ବାଚନ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ପଟ୍ଟାମୁଣ୍ଡାଇ, ୨୮।୪ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳର ୧୮୯ଟି ବୁଥ୍‌ରେ ପୋଲିଂ କର୍ମଚାରୀ ନିର୍ବାଚନ ପାଇଁ ପ୍ରସ୍ତୁତ ରହିଛନ୍ତି। ରାଜନଗର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୧୦୩ ଓ ମ୍ୟୁନିସିପାଲିଟିର ୨୮ଟି ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚି ଥିବା ବେଳେ ସୁରକ୍ଷା ବ୍ୟବସ୍ଥାକୁ ପୋଲିସ ପକ୍ଷରୁ କଡାକଡି କରାଯାଇଛି। ସେହିପରି କେନ୍ଦ୍ରାପଡା ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ପଟ୍ଟାମୁଣ୍ଡାଇ ବ୍ଲକର ୫୮ଟି ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚି ସାରିଥିବା ବେଳେ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତେବେ ବୁଥଗୁଡିକ ମଧ୍ୟରେ ୧୭ଟି ବୁଥ ଅଧିକ ଉତ୍ତେଜନାପ୍ରବଣ ଥିବା ବେଳେ ୨ଟି ଅତି ଉତ୍ତେଜନାପ୍ରବଣ ବୁଥ୍ ରହିଛି। ଏଥିପାଇଁ ପୋଲିସ ପକ୍ଷରୁ ଏକ ପ୍ଲାଟୁନ କେନ୍ଦ୍ରୀୟ ସୁରକ୍ଷା ବଳ, ୩ ପ୍ଲାଟୁନ ବିଏସଏଫ ଓ ୨ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରାଯାଇଛି। ଏଥିସହିତ ୨୦ରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀମାନଙ୍କୁ ନିୟୋଜିତ କରାଯାଇଥିବା ବେଳେ ୧୫୮ଟି ଯୋଗାଯୋଗ କେନ୍ଦ୍ର କରାଯାଇଛି। ୨୦ଟି ସେକ୍ଟର କରାଯାଇ ପ୍ରତିକ୍ଷଣରେ ଯୋଗାଯୋଗ ବ୍ୟବସ୍ଥାକୁ କଡାକଡି କରାଯାଇଛି। ପଟ୍ଟାମୁଣ୍ଡାଇର କେତେକ ବୁଥ୍‌ରେ ଇଭିଏମ, ଭିଭିପାର୍ଟ ମେଶିନ ଖରାପ ଥିବାରୁ ମେଶିନଗୁଡିକ ସଜାଡିବା ପାଇଁ କର୍ମଚାରୀ ନିୟୋଜିତ କରାଯାଇଛି। ସୋମବାର ସୁଚାରୁ ରୂପେ ନିର୍ବାଚନ ପରିଚାଳନା କରିବା ପାଇଁ ପ୍ରଶାସନ ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ସହକାରୀ ନିର୍ବାଚନ ଅଧିକାରୀ ତଥା ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନଗୋ ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରାକେଶ କୁମାର ତ୍ରିପାଠୀ କହିଛନ୍ତି।

# ମତଦାନ କରିବେ ୨,୩୭,୫୯୯ ଭୋଟର

**ଡେରାବିଶ, (ସ୍ୱ.ପ୍ର.)/ପାଟକୁରା (ଡି.ଏନ୍.ଏ.), ୨୮।୪**

ବିଜେଡି ବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ ଯୋଗୁ ପାଟକୁରା ବିଧାନସଭା ଅସନ ପାଇଁ ଆସନ୍ତା ମେ ୧୯ରେ ଭୋଟ ଗ୍ରହଣ କରାଯିବ। ତେବେ ପାଟକୁରା ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ଓ ପାଟକୁରା ବ୍ଲକ ଅଞ୍ଚଳର ଭୋଟର କେବଳ କେନ୍ଦ୍ରାପଡ଼ା ଲୋକ ସଭା ଆସନ ପାଇଁ ଭୋଟ ଦେବେ। ତେବେ ପାଟକୁରା ନିର୍ବାଚନମଣ୍ଡଳୀର ଭୋଟର କେବଳ କେନ୍ଦ୍ରାପଡ଼ା ଲୋକ ସଭା ଆସନ ପାଇଁ ସୋମବାର ମତଦାନ କରିବେ। ମୋଟ ୩୦୯ ବୁଥ୍‌ରେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଏହି ନିର୍ବାଚନମଣ୍ଡଳୀ ଅଧୀନରେ ସମୁଦାୟ ଭୋଟର ସଂଖ୍ୟା ୨, ୩୭, ୫୯୯ ଥିବା ବେଳେ ସେମାନଙ୍କ ମଧ୍ୟରେ ୧,୧୨,୯୪୬ ମହିଳା, ୧,୨୪,୬୫୦ ପୁରୁଷ ଓ ୩ ଜଣ ଅନ୍ୟାନ୍ୟ ବର୍ଗର ଭୋଟର ଅଛନ୍ତି।

ଏହି ନିର୍ବାଚନମଣ୍ଡଳୀ ଅଧୀନ ଡେରାବିଶ ବ୍ଲକର ବୁଥ୍ ନମ୍ବର-୮୯ (ଅଡଙ୍ଗା ମଲ୍ଲିକେଶ୍ୱରପୁର ହାଇସ୍କୁଲ) ସମେତ ଗରଦପୁର ବ୍ଲକର ବୁଥ୍ ନମ୍ବର-୨୯୩ (ସମ୍‌ସରା ପ୍ରାଥମିକ ବିଦ୍ୟାଳୟ) ଓ ବୁଥ୍ ନମ୍ବର-୧୯୭ (ରାଧାରମଣ ହାଇସ୍କୁଲ) ଏବଂ ମାର୍ଶାଘାଇ ବ୍ଲକର ବୁଥ୍ ନମ୍ବର-୮୩ ଈଶାନେଶ୍ୱର ହାଇସ୍କୁଲରେ ଭିନ୍ନକ୍ଷମଙ୍କ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ନିର୍ବାଚନମଣ୍ଡଳୀ ଅଧୀନରେ ମୋଟ ୨୮ ସମ୍ବେଦନଶୀଳ ବୁଥ୍ ରହିଛି। ସେଥିରୁ ୬ଟି ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଯାଇଥିବା ବେଳେ ୧୩ ଜଣ ମାଇକ୍ରୋ ଅବଜରଭର ରହିଛନ୍ତି। ଏଥିସହିତ କେତେକ ବୁଥ୍‌ରେ ମତଦାନ ସମୟରେ ଭିଡିଓଗ୍ରାଫି କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ପ୍ରତ୍ୟେକ ମତଦାନ କେନ୍ଦ୍ରରେ ଅବାଧ ଓ ନିରପେକ୍ଷ ମତଦାନ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଥିବା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଭାବେ ବିଜେଡିରୁ ଅନୁଭବ ମହାନ୍ତି, କଂଗ୍ରେସର ଧରଣୀଧର ନାୟକ, ଭାଜପାର ବୈଜୟନ୍ତ ପଣ୍ଡା, ସମାଜବାଦୀ ପାର୍ଟିର ରବୀନ୍ଦ୍ରନାଥ ବେହେରା, କୃପା ପାର୍ଟିର ଶ୍ରୀକାନ୍ତ ସାମଲ, ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ କୁମାର ଦାସ ଓ ସନ୍ତୋଷ କୁମାର ପାତ୍ର ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି।

> **ପାଟକୁରା ନିର୍ବାଚନମଣ୍ଡଳୀ**
> - ସମୁଦାୟ ୩୦୯ ବୁଥ୍ ମଧ୍ୟରୁ ୨୮ ସମ୍ବେଦନଶୀଳ ବୁଥ୍
> - ୬ଟି ବୁଥ୍‌ରେ ସିସିଟିଭି, ୧୩ ବୁଥ୍‌ରେ ରହିଛନ୍ତି ମାଇକ୍ରୋ ଅବଜରଭର୍
> - ପାଟକୁରା ବିଧାନସଭା ଆସନ ପାଇଁ ମେ ୧୯ରେ ନିର୍ବାଚନ

# କେନ୍ଦ୍ରାପଡ଼ା ଜିଲାରେ ୩୫ ଆଦର୍ଶ ବୁଥ୍

**କେନ୍ଦ୍ରାପଡା ଅଫିସ, ୨୮।୪**

ଚଳିତ ନିର୍ବାଚନକୁ ଅଧିକ ଗତିଶୀଳ କରିବା ପାଇଁ କେନ୍ଦ୍ରାପଡା ଜିଲାର ୯ ବ୍ଲକରେ ମୋଟ ୩୫ଟି ଆଦର୍ଶ ବୁଥ ଗଠନ କରାଯାଇଛି। ଏଥିରୁ ୧୧ ବୁଥ ଭିନ୍ନକ୍ଷମଙ୍କ ଉଦ୍ଦେଶ୍ୟରେ ସ୍ଥାପନ କରାଯାଇଥିବା ବେଳେ ଅନ୍ୟଗୁଡିକ ବୁଥଗୁଡିକୁ ସାଧାରଣ କାଟାଗୋରୀରେ ରଖାଯାଇଛି। ଡେରାବିଶ ବ୍ଲକ ଅନ୍ତର୍ଗତ ଠାକୁରହାଟସ୍ଥିତ ସୁଭଦ୍ରାପୁର ପ୍ରାଇମେରୀ ସ୍କୁଲ ଓ ବଳଭଦ୍ରପୁରର ବାଲୁଙ୍କେଶ୍ୱର ୟୁପି ସ୍କୁଲ୍‌ରେ ସାଧାରଣ ଆଦର୍ଶ ବୁଥ ସ୍ଥାପନ କରାଯାଇଛି। ଅଡ଼ଙ୍ଗା ମଲ୍ଲିକେଶପୁର ହାଇସ୍କୁଲରେ ଭିନ୍ନକ୍ଷମ ମଡ଼େଲ ବୁଥ, ଗରଦପୁର ବ୍ଲକ ଅନ୍ତର୍ଗତ ସମସରା ପ୍ରାଇମେରୀ ସ୍କୁଲରେ ଭିନ୍ନକ୍ଷମଙ୍କ ପାଇଁ ଆଦର୍ଶ ବୁଥ ଗଠନ କରାଯାଇଛି। ସେହିପରି ନଇନ୍ଦିପୁର ୟୁପି ସ୍କୁଲ, ଜଗନ୍ନାଥ ନୋଡାଲ ୟୁପି ସ୍କୁଲ, ତଳକୁସୁମା ଗୋବିନ୍ଦପୁର ହାଇସ୍କୁଲ ଓ ପାଟକୁରା ହାଇସ୍କୁଲ ଆଦର୍ଶ ବୁଥ ଭାବେ ସ୍ଥାନ ପାଇଛି। କେନ୍ଦ୍ରାପଡା ବ୍ଲକ ଇନ୍ଦୁପୁର ଗାର୍ଲସ ହାଇସ୍କୁଲ ଓ ମୁନିସିପାଲିଟିର ବଣିଆମାଳ ପ୍ରାଇମେରୀ ସ୍କୁଲରେ ଭିନ୍ନକ୍ଷମଙ୍କ ପାଇଁ ଆଦର୍ଶ ବୁଥ କରାଯାଇଛି। ତରାଣ୍ଡୋ ହାଇସ୍କୁଲ, କସୋଟିର ରତ୍ନାକର ହାଇସ୍କୁଲ ଓ ମୁନିସିପାଲିଟି ଅନ୍ତର୍ଗତ କେନ୍ଦ୍ରାପଡା ହାଇସ୍କୁଲ ଆଦର୍ଶ ବୁଥ ସ୍ଥାପନ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗଙ୍ଗାରାମପୁରର ଏସ ପି ନୋଡାଲ ୟୁପି ସ୍କୁଲ, ବେଲତଳ ନୋଡାଲ ୟୁପି ସ୍କୁଲରେ ଭିନ୍ନକ୍ଷମ ଓ ପେଣ୍ଠପାଳ ପ୍ରାଇମେରୀ ସ୍କୁଲ, ବଡଳାଙ୍ଗ ୟୁଜିୟୁପି ସ୍କୁଲରେ ଆଦର୍ଶ ବୁଥ ହେବା ପାଇଁ ନିଷ୍ପତ୍ତି ହୋଇଛି। ସେହିପରି ପଟ୍ଟାମୁଣ୍ଡାଇ ମୁନିସିପାଲିଟି ଅଞ୍ଚଳର ବାଲିଆପାଳ ନୋଡାଲ ୟୁପି ସ୍କୁଲ, ଏମ ଏନ ହାଇସ୍କୁଲ, ରାଜକନିକା ବ୍ଲକ ଦେଉଳତରା ପାଟଣା ନୋଡାଲ ସ୍କୁଲରେ ଭିନ୍ନକ୍ଷମ ଆଦର୍ଶ ବୁଥ ଓ ପଣଷଗଣ୍ଡ ନୋଡାଲ ୟୁପିଏସ ଓ ସଫଳଙ୍ଗା ନୋଡାଲ ୟୁଜିୟୁପି ସ୍କୁଲରେ ଆଦର୍ଶ ବୁଥ ସ୍ଥାପନ କରାଯାଇଛି। ଆଳି ବ୍ଲକରେ ମାନପୁର ନୋଡାଲ ୟୁପି ସ୍କୁଲ, ଗୋବିନ୍ଦପୁର ନୋଡାଲ ୟୁପି ସ୍କୁଲ ଓ ମହୁ ପ୍ରାଇମେରୀ ସ୍କୁଲରେ ଆଦର୍ଶ ବୁଥ କରାଯାଇଥିବା ବେଳେ ମାଳପାଟଣା ୟୁଜିୟୁପି ସ୍କୁଲରେ ଭିନ୍ନକ୍ଷମଙ୍କ ପାଇଁ ଆଦର୍ଶ ବୁଥ କରାଯାଇଛି। ରାଜନଗର ବ୍ଲକରେ ଚକିବାଙ୍କ ପ୍ରାଇମେରୀ ସ୍କୁଲରେ ଭିନ୍ନକ୍ଷମ ଆଦର୍ଶ ବୁଥ ହେବାକୁ ଥିବା ବେଳେ ରାଜନଗର ହାଇସ୍କୁଲ ଓ କେରଡାଗଡ ପ୍ରାଇମେରୀ ସ୍କୁଲରେ ଆଦର୍ଶ ବୁଥ ସ୍ଥାପନ କରାଯାଇଛି। ମାର୍ଶାଘାଇ ବ୍ଲକରେ ଈଶାନେଶ୍ୱର ହାଇସ୍କୁଲକୁ ଭିନ୍ନକ୍ଷମଙ୍କ ପାଇଁ ଓ ମାର୍ଶାଘାଇ ଗାର୍ଲସ ହାଇସ୍କୁଲକୁ ସାଧରଣ ଲୋକଙ୍କ ପାଇଁ ଆଦର୍ଶ ବୁଥ କରାଯାଇଛି। ମହାକାଳପଡା ବ୍ଲକରେ ଜୟଚନ୍ଦ୍ରୟ ୟୁପି ସ୍କୁଲ, ରାଜଗଡ ୟୁପି ସ୍କୁଲ ଓ ରାମନଗର ୟୁପି ସ୍କୁଲରେ ଆଦର୍ଶ ବୁଥ ସ୍ଥାପନ ହେବ ବୋଲି ଜିଲା ନିର୍ବାଚନ ଅଧିକାରୀ ଦାଶରଥି ଶତପଥି ପ୍ରକାଶ କରିଛନ୍ତି। ତେବେ ଏହି ଜିଲାରେ କୌଣସି ସ୍ଥାନରେ ମହିଳା ଆଦର୍ଶ ବୁଥ ସ୍ଥାପନ କରାଯାଇ ନଥିବା ସୂଚନା ମିଳିଛି।

**ଆଜି ମତଦାନ**

### ଆଜି ନିର୍ବାଚନ
## ଭୋଟର କେତେ ସଚେତନ

ଆଜି ଚତୁର୍ଥ ବା ଶେଷ ପର୍ଯ୍ୟାୟ ଭୋଟଗ୍ରହଣ। କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନ ପାଟକୁରା ବିଧାନସଭା ଆନକୁ ଛାଡ଼ି ରାଜ୍ୟର ୬ ଲୋକ ସଭା ସମେତ ୪୧ ବିଧାନସଭା ଆସନରେ ମତଦାନ ସାବ୍ୟସ୍ତ କରିବେ ଭୋଟର। ୬ ଲୋକ ସଭା ଆସନ ମଧ୍ୟରୁ କେନ୍ଦ୍ରାପଡ଼ା ଲୋକ ସଭା ଆସନ ଉପରେ ସମସ୍ତଙ୍କ ନଜର ରହିଛି। ଭୋଟଦାନ ପୂର୍ବରୁ ଗଣତନ୍ତ୍ର ପ୍ରତି ଆମ ଭୋଟରମାନେ କେତେ ସଚେତନ, ସେ ସମ୍ପର୍କରେ ବିଭିନ୍ନ ପ୍ରତିକ୍ରିୟା ମିଳିଛି। ଏ ନେଇ ଆମର ସ୍ୱତନ୍ତ୍ର ଉପସ୍ଥାପନା।



"କେନ୍ଦ୍ରାପଡା ଜିଲା ଗଠନକୁ ୨୫ ବର୍ଷ ବିତିଛି। ତେବେ ଏଯାଏଁ ବି ଅର୍ଥନୈତିକ ବିକାଶର ଅଭିବୃଦ୍ଧି ଘଟିନାହିଁ। ନିର୍ବାଚିତ ପ୍ରତିନିଧି ଉପଯୁକ୍ତ ଫୋରମ୍‌ରେ ସ୍ୱର ଉଠାଉ ନଥିବାରୁ ଜିଲାରେ ଶିଳ୍ପ ପ୍ରତିଷ୍ଠା, କର୍ମ ନିଯୁକ୍ତି, ସ୍ୱାସ୍ଥ୍ୟସେବା ଆଦି ସମସ୍ୟା ଲାଗି ରହିଛି। ସେହିପରି ମୌଳିକ ସୁବିଧା ସମସ୍ତ ଗ୍ରାମ ଓ ସହରରେ ମିଳୁନାହିଁ। ଉପଯୁକ୍ତ ନେତୃତ୍ୱ ମିଳିଲେ ଜିଲାର ବିକାଶ ହୋଇପାରିବ। ତେଣୁ ଉପଯୁକ୍ତ ନେତା ଚୟନ କରିବା ଭୋଟରଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ।

**- ଶିକ୍ଷାବିତ ଅଜୟ କୁମାର ସାମଲ, କେନ୍ଦ୍ରାପଡା**



"ରାଜ୍ୟର ୨୧ଟି ଲୋକ ସଭା କ୍ଷେତ୍ର ମଧ୍ୟରୁ କେନ୍ଦ୍ରାପଡ଼ାର ଯଥେଷ୍ଟ ଗୁରୁତ୍ୱ ରହିଛି। ତେବେ ଚଳିତ ନିର୍ବାଚନରେ ଜଣେ ସଚେତନ ନାଗରିକ ଭାବେ ଉପଯୁକ୍ତ ପ୍ରାର୍ଥୀ ଦେଖି ଭୋଟ ଦେବୁ ଯିଏ କି କେନ୍ଦ୍ରାପଡ଼ାର ବିକାଶ ଦିଗରେ ଦୃଷ୍ଟି ଦେବେ।

**- ଅଧ୍ୟାପକ ପ୍ରଭାକର ସାମଲ, ଡେରାବିଶ**



"ରାଜ୍ୟରେ ପଛୁଆ ଜିଲା ଭାବେ କେନ୍ଦ୍ରାପଡ଼ା ପରିଚିତ। ଏଥର ନିର୍ବାଚନରେ ସମସ୍ତ ଦଳର ପ୍ରାର୍ଥୀ ଓ ହେଭିୱେଟମାନେ ବିକଶ ମୁଦ୍ଦାକୁ ଆଗରେ ରଖି ଭୋଟ ମାଗିଛନ୍ତି। ତେବେ କେନ୍ଦ୍ରାପଡ଼ାର ସାମୁହିକ ଉନ୍ନତି ଦିଗରେ ଦୃଷ୍ଟି ଦେବା ଭଳି ଉପଯୁକ୍ତ ପ୍ରାର୍ଥୀ ଦେଖି ଆମେ ମତଦାନ କରିବୁ।

**- ସ୍ମାରକ ମହାନ୍ତି, ଶ୍ରୀଧରପୁର**



"ପାଟକୁରା ନିର୍ବାଚନମଣ୍ଡଳୀର ବହୁ ବର୍ଷିୟାନ ନେତା ସାରା ରାଜ୍ୟରେ ପ୍ରତିନିଧିତ୍ୱ କରିଛନ୍ତି। ଏବେ ବି ପାଟକୁରା ନିର୍ବାଚନମଣ୍ଡଳୀ ବନ୍ୟାକ୍ଲିଷ୍ଟ ଅଞ୍ଚଳ ହୋଇ ରହିଛି। ବିଧାନସଭା ସଭା ଆସନ ପାଇଁ ନିର୍ବାଚନ ମେ ୧୯କୁ ଘୁଞ୍ଚିଥିବା ବେଳେ ଜିଲାର ବିକାଶକୁ ଦୃଷ୍ଟିରେ ରଖି ଭୋଟ ଦେବୁ।

**- ଗୀତାଞ୍ଜଳି ଦାସ, ଗୋପାଳଜୀଉପାଟଣା**



"ନିଜ ଅଞ୍ଚଳ ପ୍ରତି ଦୃଷ୍ଟି ରଖିଥିବା ଓ ଲୋକଙ୍କ ସୁଖ ଦୁଃଖରେ ସାମିଲ ହୋଇଥିବା ଜଣେ ଦକ୍ଷ ଓ ନିଷ୍ପାପର ପ୍ରାର୍ଥୀଙ୍କୁ ଭୋଟ ଦେଲେ ଗଣତନ୍ତ୍ରର ସ୍ଥିତି ସୁଦୃଢ଼ ହେବ।

**- ବାମପନ୍ଥୀ ନେତା ରବୀନ୍ଦ୍ର ବେହେରା, ପୋଖରିଆପଡା, ପଟ୍ଟାମୁଣ୍ଡାଇ**



"ରାଜନୈତିକ ଦଳ ସେଭଳି ପ୍ରାର୍ଥୀଙ୍କୁ ଚୟନ କରିବା ଜରୁରୀ ଯେଉଁମାନେ ନିଜ ଅଞ୍ଚଳର ବିକାଶ କରିବା ସହ ଭୋଟରଙ୍କ ସମସ୍ୟା ବୁଝିଲେ ଭୋଟରମାନେ ଅର୍ଥ କାରବାର ପ୍ରତି ମନ ବଳାଇବେ ନାହିଁ।

**- ଶତ୍ରୁଜିତ୍ ନାୟକ, ଯୁବ ଆଇନଜୀବୀ, ବାଲିସାହି**



"ନିଜ ଅଞ୍ଚଳରୁ ଦୁର୍ନୀତି, ଭ୍ରଷ୍ଟାଚାର ଲୋପ କରିବା ପାଇଁ ଦକ୍ଷ ଓ ସଚ୍ଚୋଟ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ମନ ସ୍ଥିର କଲେ ଅର୍ଥବଳ ଓ ବାହୁବଳ ହାର ମାନିବ।

**- ବ୍ରଜବନ୍ଧୁ ଦାଶ, ସମବାୟବିତ୍, ବେଲତଳ**



"ନିରପେକ୍ଷ ଓ ଅବାଧ ନିର୍ବାଚନ ପାଇଁ ନିର୍ବାଚନ ଆୟୋଗ ଆହୁରି ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ।

**- ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ଦାଶ, ମାଟିଆ**



"ପ୍ରଶାସନ ଅବାଧ ନିର୍ବାଚନ ପାଇଁ ଯେଉଁ ପଦକ୍ଷେପ ନେଉଛି ତାହା ଯଥେଷ୍ଟ ନୁହେଁ। ଅନେକ ଲୋକଙ୍କ ଘର ପାଖରେ ବୁଥ୍ ଥାଇ ମଧ୍ୟ ସେମାନଙ୍କ ଭୋଟଦାନ କେନ୍ଦ୍ର ୨ କିଲୋମିଟର ଦୂରରେ ପଡୁଛି। ଯେମିତି ପଟ୍ଟାମୁଣ୍ଡାଇର ବାଲିପଡାରେ ବୁଥ ଥାଇ ମଧ୍ୟ ସେହି ଗ୍ରାମର ଶତାଧିକ ଭୋଟରଙ୍କ ବୁଥ ୨ କି.ମି. ଦୂର ତଳବାଲିପଡା ସ୍କୁଲରେ ପଡିଛି। ଫଳରେ ଖରାରେ ଏତେ ବାଟ ଯାଇ ଭୋଟ ଦେବାକୁ ଲୋକେ କୁଣ୍ଠିତ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଲେ ମତଦାନ ହାର ଅଧିକ ହେବ।

**- ରବୀନ୍ଦ୍ର କୁମାର ସାହୁ, ସାମାଜିକ କର୍ମୀ, ବାଲିପଡା, ପଟ୍ଟାମୁଣ୍ଡାଇ**

## ଭୋଟ ପରିଚାଳନା ପାଇଁ ୧୫ ପୋଲିସ ଅଫିସର, ୫ ପ୍ଲାଟୁନ ଫୋର୍ସ ମୁତୟନ

**ରାଜନଗର, ୨୮।୪(ଡି.ଏନ.ଏ)**

ସୋମବାର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପରିପ୍ରେକ୍ଷୀରେ ଜିଲା ନିର୍ବାଚନ ଅଧିକାରୀ ଦାଶରଥୀ ଶତପଥୀ ରାଜନଗର ବ୍ଲକରେ ଭୋଟ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପଦେକ୍ଷପ ନେଇଛନ୍ତି। ୨୯ ପଞ୍ଚାୟତର ୧୫୩ ବୁଥ୍‌ରେ ଶୃଙ୍ଖଳା ରକ୍ଷା ପାଇଁ ୧୫ଜଣ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

## ସଂକ୍ଷେପରେ

### ବିଦ୍ୟାଳୟ ବାର୍ଷିକୋତ୍ସବ ପ୍ରସ୍ତୁତି ବୈଠକ

ବାଲିକୁଦା,୨୮।୪(ସ୍ୱ.ପ୍ର.)- ଥାଇଲୋ ପଞ୍ଚାୟତର ଜୟଗାଁସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳର ପ୍ରଥମ ବାର୍ଷିକ ଉତ୍ସବ ପାଇଁ ଗୁରୁକୁଳ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପରିଚାଳନା କମିଟିର ମୁଖ୍ୟ ଉପଦେଷ୍ଟା ଧର୍ମାନନ୍ଦ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପରିଚାଳନା କମିଟି ସଭାପତି ମନ୍ମଥ କୁମାର ପରିଡା, ସମ୍ପାଦକ ତଥା ବିଦ୍ୟାଳୟର ଅଧକ୍ଷ କୃଷ୍ଣଚନ୍ଦ୍ର ଶତପଥୀ, ସହସମ୍ପାଦିକା ରୀତା ପରିଡା, ସଭ୍ୟା କାଞ୍ଚନବାଳା ଜେନା, ପ୍ରତିମା ସାହୁ, ବିଦ୍ୟାଳୟ ଉପାଧକ୍ଷ ବିଜୟ ପରିଡା, ଶିକ୍ଷୟିତ୍ରୀ ଶର୍ମିଷ୍ଠା ମହାନ୍ତି, ବିଷ୍ଣୁପ୍ରିୟା ପରିଡା, ରାଜଲକ୍ଷ୍ମୀ ଶତପଥୀ, ବିନିତା ମେଘମାଳା ଜେନା, ରୋଜାଲିନ୍ ଦାସ, ପ୍ରେମଲତା ରାଉତ, ନିଳିମା ପରିଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆସନ୍ତା ୬ ତାରିଖରେ ଏହି ବାର୍ଷିକ ଉତ୍ସବ କରିବାକୁ ସ୍ଥିର ହୋଇଛି।

### ଡା. ସି.ବି.କେ. ମହାନ୍ତି ପାଇବେ ଚେଲିତୋଲା ପୁରସ୍କାର

କଟକ ଅଫିସ୍,୨୮।୪: ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଅଧୀକ୍ଷକ ପ୍ରଫେସର ଡା. ଚିନ୍ମୟ ବିଜୟ କୁମାର ମହାନ୍ତି ଚଳିତବର୍ଷର ମର୍ଯ୍ୟାଦାଜନକ ଚେଲିତୋଲା ପୁରସ୍କାର ପାଇବାକୁ ବିବେଚିତ ହୋଇଛନ୍ତି। ମେ’ ୫ତାରିଖରେ କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନଠାରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଚେଲିତୋଲା କଲଚରାଲ ଏକାଡେମୀ ପକ୍ଷରୁ କୁହାଯାଇଛି। ପ୍ରଫେସର ମହାନ୍ତି ଜଣେ ଭେଷଜ ବିଜ୍ଞାନୀ ଭାବେ ଓଡ଼ିଶା ତଥା ସମଗ୍ର ଦେଶରେ ଖ୍ୟାତି ଅର୍ଜନ କରିଛନ୍ତି। କର୍ଣ୍ଣାଟକର ପୂର୍ବତନ ମୁଖ୍ୟ ଶାସନ ସଚିବ ଡ. ସୁବାସ ଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଡା. ମହାନ୍ତିଙ୍କୁ ଏହି ସମ୍ମାନ ପ୍ରଦାନ କରିବେ ବୋଲି ଏକାଡେମୀ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରାର୍ଥୀଙ୍କୁ ନା ଦଳକୁ ଦେଖିବେ ଭୋଟର

ପାରାଦୀପ,୨୮।୪(ସ୍ୱ.ପ୍ର.)

**ପାରାଦୀପ ନିର୍ବାଚନମଣ୍ଡଳୀ**
- ମଇଦାନରେ ୯ ବିଧାୟକ ପ୍ରାର୍ଥୀ
- ୨୩୧ ବୁଥରେ ମତଦାନ କରିବେ ୨,୨୨,୬୦୦ ଭୋଟର
- ରାତାରାତି ଗୋଟି ଚାଳନା

ଗଣତନ୍ତ୍ରର ମହାପର୍ବ ସାଧାରଣ ନିର୍ବାଚନ-୨୦୧୯ର ୪ର୍ଥ ପର୍ଯ୍ୟାୟ ମତଦାନ ଆଜି। ଜଗତ୍‌ସିଂହପୁର ଜିଲାର ଅନ୍ୟତମ ଚର୍ଚ୍ଚିତ ୧୦୧ ପାରାଦୀପ ନିର୍ବାଚନମଣ୍ଡଳୀରେ ମୋଟ୍ ୨ଲକ୍ଷ ୧୧ହଜାର ୬୦୦ ଭୋଟର ମତଦାନ କରିବେ। ସେମାନଙ୍କ ମଧ୍ୟରେ ମହିଳା ଭୋଟର ୯୮୭୫୨, ପୁରୁଷ ଭୋଟର ୧,୧୨,୮୨୧ ଓ ଅନ୍ୟାନ୍ୟ ୨୭ ଅଛନ୍ତି। ଏହି ନିର୍ବାଚନମଣ୍ଡଳୀ ପାରାଦୀପ ପୌର ପରିଷଦ, କୁଜଙ୍ଗ ବ୍ଲକର ୨୮ ପଞ୍ଚାୟତ ଓ ତିର୍ତ୍ତୋଲ ବ୍ଲକର ୮ ପଞ୍ଚାୟତକୁ ନେଇ ଗଠିତ। ନିର୍ବାଚନମଣ୍ଡଳୀରେ ମୋଟ୍ ୨୩୧ ବୁଥ୍ କରାଯାଇଛି। ଚଳିତ ନିର୍ବାଚନରେ ସମୁଦାୟ ୯ ଜଣ ବିଧାୟକ ପ୍ରାର୍ଥୀ ମଇଦାନରେ ଅଛନ୍ତି। ସେମାନେ ହେଲେ ବିଜେଡିର ସମ୍ବିତ ରାଉତରାୟ, କଂଗ୍ରେସର ଅରିନ୍ଦମ ସର୍ଖେଲ, ଭାଜପାର ସମ୍ପଦ ସ୍ୱାଇଁ, ବିଏସପିର ଅଞ୍ଜନ ମଲ୍ଲିକ, ଅନାରକ୍ଷିତ ସମାଜବାଦି ପାର୍ଟିର ବଳରାମ ମହାରଣା, ଆମ୍ବେଡକର ଜାତୀୟ କଂଗ୍ରେସର ଦୀପ୍ତିରଞ୍ଜନ ନାୟକ, ସ୍ୱାଧୀନ ପ୍ରାର୍ଥୀ ଶ୍ରୀବଲ୍ଲଭ କର, ବୀରେନ୍ଦ୍ର କୁମାର ସାହୁ ଓ ଅନୁପ କୁମାର ପଟ୍ଟନାୟକ। ତେବେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଛି। ନିର୍ବାଚନ ପରିଚାଳନା ପାଇଁ ୧୪୦୦ ପୋଲିଂ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ସୁରକ୍ଷା ଦାୟିତ୍ୱରେ ୭୮ କନ୍‌ଷ୍ଟେବଳ, ୮ ସେକ୍ସନ ସିଆରପିଏଫ୍, ୮୪ ଗୃହରକ୍ଷୀ, ୯୪ ଗ୍ରାମରକ୍ଷୀ ନିୟୋଜିତ ଥିବାବେଳେ ସମସ୍ତ ଥାନା ଅଧିକାରୀ ସେକ୍ଟର ଅଫିସର ଭାବେ ନିଯୁକ୍ତ ହୋଇଛନ୍ତି। ପ୍ରଚାର ପର୍ବ ଶନିବାର ସନ୍ଧ୍ୟାରେ ଶେଷ ହୋଇଥିବାବେଳେ ରବିବାର ପ୍ରାର୍ଥୀମାନେ ଶେଷ ଗୋଟି ଚାଳନା କରିଛନ୍ତି। କର୍ମୀମାନେ ଭୋଟରଙ୍କୁ ଧରି ପ୍ରତି ଗାଁ, ୱାର୍ଡ ଓ କ୍ଲବ୍ ଘରେ ଭୋଜିଭାତର ଆସର ଜମାଇଛନ୍ତି। ଅଧିକାଂଶ ଗ୍ରାମ ବାହାରକୁ ଖାଁ ଖାଁ ଲାଗୁଥିଲେ ହେଁ ଭିତରେ ଭିତରେ ଝଡ଼ ପୂର୍ବର ନିରବତା ଭଳି ଶାନ୍ତ ପରିବେଶ ରହିଛି। ଭୋଟରମାନେ ପରଖୁଛନ୍ତି ଯେ ଦଳ ଦେଖିବେ ନାଁ ପ୍ରାର୍ଥୀ। କେହି କେହି ପ୍ରାର୍ଥୀଙ୍କୁ ପସନ୍ଦ କରୁଥିବାବେଳେ ଆଉ କେହି ଦଳ ସପକ୍ଷରେ ଯୁକ୍ତି ବାଢୁଛନ୍ତି। ୩ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଚଳିତ ନିର୍ବାଚନରେ ପାରାଦୀପରେ ହିଁ ମତଦାନ କରିବେ। ସର୍ଖେଲ ପୌରାଞ୍ଚଳର ୧୫ ନଂ. ୱାର୍ଡ, ସମ୍ବିତ ୧୧ ନଂ. ୱାର୍ଡ ଓ ସମ୍ପଦ ନିଜ ଗ୍ରାମ ରଙ୍ଗିଆଗଡ଼ରେ ମତଦାନ କରିବେ। ପ୍ରାର୍ଥୀମାନେ ରବିବାର କେତେକ ସ୍ଥାନକୁ ଯାଇ ବିପକ୍ଷ ଭୋଟରଙ୍କୁ କିପରି ନିଜ ପକ୍ଷରେ ଆଣିହେବ ସେଥିପାଇଁ ଗୋଟିଚାଳନା କରିଛନ୍ତି। କର୍ମୀମାନେ ମଧ ଚିରୁକୁଟ ବାଣ୍ଟିବା, ଏଜେଣ୍ଟ ମୁତୟନ କରିବା, କିପରି ବୁଥରେ ପ୍ରଥମେ କାହାକୁ ଇଭିଏମ୍‌ରେ ମତଦାନ କରିବେ ସେ ନେଇ ଲୋକଙ୍କୁ ବୁଝାଉଛନ୍ତି। କୁହାଯାଉଛି ଚଳିତ ନିର୍ବାଚନରେ ପ୍ରାୟତଃ ଭୋଟରମାନେ ବିଧାୟକ ପ୍ରାର୍ଥୀ ଭାବେ ଗୋଟିଏ ଦଳକୁ ଓ ଏମ୍‌ପି ପ୍ରାର୍ଥୀ ଭାବେ ଆଉ ଏକ ଦଳକୁ ଭୋଟ୍ ଦେବାର ସମ୍ଭାବନା ରହିଛି। ପ୍ରଥମେ ଏମ୍‌ପି ପ୍ରାର୍ଥୀଙ୍କୁ ମତଦାନ କରିବା ପରେ ଯାଇ ବିଧାୟକ ପ୍ରାର୍ଥୀଙ୍କୁ ମତଦାନ କରିବା ବ୍ୟବସ୍ଥା ହୋଇଛି। ଅନ୍ୟପକ୍ଷରେ ଅର୍ଥ କାରବାର ଜୋରଦାର ଚାଲିଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନ ସୁଦ୍ଧା କେବଳ ନୂଆଗଡ଼ ଗ୍ରାମ ବ୍ୟତିତ ଅନ୍ୟ କୌଣସିଠାରେ ସେଭଳି ଗଣ୍ଡଗୋଳ ହୋଇ ନ ଥିବା ଜଣାଯାଇଛି।



ପାରାଦୀପର ଏକ ମତଦାନ କେନ୍ଦ୍ରରେ ପୋଲିଂ ଅଫିସରମାନେ ମତଦାନ ପାଇଁ ଆବଶ୍ୟକ ପ୍ରସ୍ତୁତି କରୁଛନ୍ତି।

## ତିର୍ତ୍ତୋଲରେ ୬ ମଡେଲ ବୁଥ

ତିର୍ତ୍ତୋଲ,୨୮।୪(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକରେ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ପ୍ରାୟତଃ ଶେଷ ହୋଇଛି। ଏହି ବ୍ଲକର ୨୯ ପଞ୍ଚାୟତରେ ୧୪୯ ବୁଥ ହୋଇଛି। ସେଗୁଡିକ ମଧ୍ୟରୁ ପ୍ରଥମ କରି ୬ଟି ମଡେଲ ବୁଥରେ ଭୋଟରମାନେ ମତଦାନ କରିବେ। ଏହି ମଡେଲ ବୁଥଗୁଡିକ ମଧ୍ୟରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନରେ ୪ଟି ଏବଂ ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନରେ ୨ଟି ରହିଛି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ମଡେଲ ବୁଥ୍‌ଗୁଡିକ ହେଲା ତରଜଙ୍ଗା ପଞ୍ଚାୟତର ୧୦୫ ଓ ୧୦୬, ତିର୍ତ୍ତୋଲ ପଞ୍ଚାୟତର ୯୮ ଓ ୯୯ ନମ୍ବର ବୁଥ। ସେହିଭଳି ପାରାଦୀପ ନିର୍ବାଚନମଣ୍ଡଳୀର ମଣିଜଙ୍ଗା ପଞ୍ଚାୟତର ୪୭ ଏବଂ ୪୮ ନଂ ବୁଥକୁ ମଡେଲ ବୁଥ କରାଯାଇଛି। ଏହି ବ୍ଲକ ଅଧୀନ ୨୯ ପଞ୍ଚାୟତରୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ଥିବା ୨୧ ପଞ୍ଚାୟତର ୧୧୩ ବୁଥରେ ୯୯ ହଜାର ୯୯୪ ଭୋଟର ମତଦାନ କରିବେ। ସେହିଭଳି ଏହି ବ୍ଲକର ପାରାଦୀପ ନିର୍ବାଚନମଣ୍ଡଳୀରେ ରହିଥିବା ୮ ପଞ୍ଚାୟତର ୩୦ ହଜାର ୫୬୬ ମତଦାତା ମତଦାନ କରିବେ ବୋଲି ବ୍ଲକ ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ଏହି ଭୋଟରମାନଙ୍କ ମଧ୍ୟରୁ ୧୭୦୦ ଭିନ୍ନକ୍ଷମ ଅଛନ୍ତି। ସେମାନେ ସୁବିଧାରେ ମତଦାନ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇଛି।

### ନିର୍ବାଚନ ପରିଚାଳନା ପାଇଁ ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା

## ୪୧୩ ଜଣଙ୍କ ନାମରେ ୧୦୭

ଏରସମା,୨୮।୪(ସ୍ୱ.ପ୍ର.)

ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ଏରସମା ଥାନା ପକ୍ଷରୁ ଆଇଆଇସି ପ୍ରଶାନ୍ତ କୁମାର ମାଝିଙ୍କ ତତ୍ତ୍ୱାବଧାନରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗଣ୍ଡଗୋଳ ଆଶଙ୍କାରେ ପୋଲିସ ୧୮ ପଞ୍ଚାୟତର ୪୧୩ ଜଣଙ୍କ ନାମରେ ଶାନ୍ତିଚୁକ୍ତି(୧୦୭) ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ତଥା ତହସିଲଦାର ଅଞ୍ଜଳି ତରାଇଙ୍କ ନିକଟରେ ସ୍ୱାକ୍ଷର କରାଇଛନ୍ତି। ଏଥିସହିତ ୭ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହାର ତଦାରଖ ଦାୟିତ୍ୱରେ ୨୦ ଜଣ ଅଫିସର ନିଯୁକ୍ତ ହୋଇଛନ୍ତି। ୨୭ ଜଣ କନଷ୍ଟେବଳଙ୍କ ସହିତ ଡିଏସପି ଦିଲୀପ ଦାସ ଦାୟିତ୍ୱରେ ରହିଛନ୍ତି। ଜଗତ୍‌ସିଂହପୁରର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିଶ୍ୱନାଥ ମିଶ୍ର ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ ଦାୟୀତ୍ୱରେ ଅଛନ୍ତି। ବ୍ଲକର ୧୨୦ ବୁଥରେ ୧୩୦ ପୋଲିସ ନିଯୁକ୍ତ ଥିବାବେଳେ ୨୦ ଉତ୍ତେଜନା ପ୍ରବଣ ବୁଥରେ ୮ ଜଣ ଅଫିସରଙ୍କ ସହିତ ସେକ୍ସନ ଫୋର୍ସ ମୁତୟନ କରାଯାଇଛି। ୧୦୦ ଜଣ ବିଏସଏଫ ଯବାନଙ୍କ ସହିତ ୯ଟି ଭ୍ରମ୍ୟମାଣ ପୋଲିସ ଦଳ ଗଠନ କରାଯାଇଛି। ଏଥିସହିତ ଗଣ୍ଡଗୋଳକାରୀଙ୍କ ଗତିବିଧି ଜାଣିବା ପାଇଁ କୋଠି ନିମୋଳ, ସୋମପୁର, ଓଲରା, ଗୋଡା, ଏରସମା ଓ ଇରିବୀଣା ବଜାରରେ ସିସିଟିଭି କ୍ୟାମେରା ଲଗାଯାଇଛି।

## ମେ ୬ରେ ସମୂହ ଲଗ୍ନୋତ୍ସବ

ବାଲିକୁଦା,୨୮।୪(ସ୍ୱ.ପ୍ର.)

ଉତ୍କଳୀୟ ସମୂହ ଲଗ୍ନୋତ୍ସବ ସମିତି ବାଲିକୁଦା ପକ୍ଷରୁ ଚଳିତ ବର୍ଷ ମେ ୬ ତାରିଖରେ ଗଣ ବିବାହ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୂର୍ବରୁ ଏହା ଚଳିତମାସ ୨୮ ତାରିଖରେ ହେବାକୁ ସ୍ଥିର ହୋଇଥିବା ବେଳେ ସାଧାରଣ ନିର୍ବାଚନ ପାଇଁ ଏହାକୁ ଘୁଞ୍ଚାଇ ଦିଆଯାଇଛି। ପ୍ରସ୍ତୁତି ବୈଠକରେ ସମିତିର ସଭାପତି କୃଷ୍ଣଚନ୍ଦ୍ର ଶତପଥୀ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଅଶୋକ ବିଶ୍ୱାଳ ଗତବର୍ଷ ବିବାହ ଉତ୍ସବର ଆୟବ୍ୟୟ ବିବରଣୀ ପାଠ କରିଥିଲେ। ଏଥିରେ ଅତିଥି ଭାବେ ଅହମଦାବାଦର ବିଶିଷ୍ଟ ଯୁବବ୍ୟବସାୟୀ ମହେନ୍ଦ୍ର କୁମାର ଦାସ ଯୋଗଦେଇ ଅଧିକରୁ ଅଧିକ ବିବାହ ଓ ବ୍ରତୋପନୟନ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ଉପଦେଷ୍ଟା କେଳୁ ଚରଣ ସାହୁ, ବରିଷ୍ଠ ସଦସ୍ୟ ଧର୍ମାନନ୍ଦ ଦାସ, ବିଷ୍ଣୁ ଚରଣ ସାହୁ, ସନ୍ତୋଷ କୁମାର ମହାନ୍ତି, ଅଜୟ କୁମାର ଶତପଥୀ, କୃଷ୍ଣଚନ୍ଦ୍ର ସାହୁ, ସୁଦାମ ଦାସ, ଚୈତନ୍ୟ ପାତ୍ର, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଗଣେଶ ଚନ୍ଦ୍ର ଷଡ଼ଙ୍ଗୀ, ରାମଚନ୍ଦ୍ର ଶତପଥୀ, ପଣ୍ଡିତ ଦୁର୍ଗାପ୍ରସାଦ ଷଡ଼ଙ୍ଗୀ, ବିଜୟ ପରିଡା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ରୁଷେନ୍ଦ୍ର ସାହୁ, ବଂଶୀଧର ଦାସ, ନରେନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଜୟଗାଁ ସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳ ପରିସରରେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହେବ ବୋଲି ସମିତି ପକ୍ଷରୁ ସୂଚନା ଦିଆଯାଇଛି। ଗତ ୭ ବର୍ଷ ମଧ୍ୟରେ ସମିତି ୧୭୫ ଯୋଡ଼ା ବିବାହ କାର୍ଯ୍ୟ ସମାପନ କରିଥିବା ବେଳେ ୧୫ଟି ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ କରି ପାରିଛି। ଚଳିତ ବର୍ଷ ସମିତି ୨୫ ଯୋଡା ବର କନ୍ୟାଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରିବା ସହିତ ୧୦ ଟି ବ୍ରତୋପନୟନ କରିବାକୁ ଲକ୍ଷ୍ୟ ରଖିଛି।



ନିର୍ବାଚନ ପୂର୍ବଦିନ ପାରାଦୀପର ନୂଆଗଡ଼ ଗାଁ ଶୂନ୍‌ଶାନ ହୋଇଯାଇଛି।

### କଡ଼ା ସୁରକ୍ଷାରେ ମାହାଙ୍ଗା ନିର୍ବାଚନମଣ୍ଡଳୀ

## ସିସି ଟିଭି ନଜରରେ ୯୯ ବୁଥ୍

ନିଶ୍ଚିନ୍ତକୋଇଲି,୨୮।୪(ସ୍ୱ.ପ୍ର.)

- ପୋଲିସର ଫ୍ଲାଗ୍ ମାର୍ଚ୍ଚ
- ୫୨ ବୁଥରେ ସିଆଇଏସ୍‌ଏଫ୍ ଫୋର୍ସ ମୁତୟନ
- ୨୭ ବୁଥରେ ୱେବ କାଷ୍ଟିଂ ବ୍ୟବସ୍ଥା

ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ସୋମବାର ଭୋଟ୍ ଗ୍ରହଣ ହେବ। କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ର ଅଧୀନସ୍ଥ ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀରେ ଏଥିପାଇଁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିର୍ବାଚନମଣ୍ଡଳୀର ୩୦୩ ବୁଥ୍‌ରେ ପୋଲିଂ ଟିମ ପହଞ୍ଚି ସାରିଛନ୍ତି। ରବିବାର ପୂର୍ବାହ୍ନରେ ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର ଓ ନେମାଳ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଏହି ନିର୍ବାଚନମଣ୍ଡଳୀରେ ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ଦୁଇ ବ୍ଲକ ରହିଛି। ଏହି ଦୁଇ ବ୍ଲକରେ ସୁରକ୍ଷିତ ମତଦାନ ପାଇଁ ୫୨ ବୁଥରେ ସିଆଇଏସ୍‌ଏଫ୍ ଫୋର୍ସ ମୁତୟନ କରାଯାଇଥିବା ବେଳେ ୨୭ଟି ବୁଥରେ ୱେବ କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ସେହିପରି ୯୯ ବୁଥରେ ସିସି ଟିଭି ଲଗାଯାଇଛି। ୫୨ ବୁଥରେ ମାଇକ୍ରୋ ଅବଜରଭରଙ୍କୁ ନିୟୋଜିତ କରାଯାଇଛି। ୧୬ଟି ବୁଥରେ ଭିଡିଓ ରେକର୍ଡିଂ ବ୍ୟବସ୍ଥା କରାଯାଇଥିବା ବେଳେ ୮ବୁଥରେ ଫଟୋ ଉଠା ବ୍ୟବସ୍ଥା ହୋଇଛି। ମାହାଙ୍ଗା ବ୍ଲକର ୨୭ଟି ବୁଥରେ ୱେବ କାଷ୍ଟିଂ ବ୍ୟବସ୍ଥା ଥିବାବେଳେ ନିଶ୍ଚିନ୍ତକୋଇଲି ବ୍ଲକର କୌଣସି ବୁଥରେ ୱେବ କାଷ୍ଟି ବ୍ୟବସ୍ଥା କରାଯାଇନାହିଁ। ବୁଥରେ ପୋଲିଂ ପାର୍ଟି ପହଞ୍ଚି ପ୍ରସ୍ତୁତ ହୋଇ ସାରିଛନ୍ତି। ଆବଶ୍ୟକସ୍ଥଳେ ବ୍ଲକ ପ୍ରଶାସନର ସହାୟତା ନିଆଯାଇଛି। ବିଭିନ୍ନ ବୁଥକୁ ସେକ୍ଟର ଅଫିସର ପରିଦର୍ଶନ କରି ବୁଥର ପ୍ରସ୍ତୁତି ଉପରେ ସମୀକ୍ଷା କରିଛନ୍ତି।

ମାହାଙ୍ଗା ଥାନା ପକ୍ଷରୁ ୧୭ ମୋବାଇଲ ଟିମ୍, ନେମାଳ ଥାନା ପକ୍ଷରୁ ୪ଟି ଟିମ, ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ୪ଟି ଟିମ ଓ ସାଲେପୁର ଥାନା ପକ୍ଷରୁ ୨ଟି ମୋବାଇଲ ଟିମ ଗଠନ କରାଯାଇଛି। ମାହାଙ୍ଗାରେ ଏକ ମୋଟର ସାଇକେଲ ମୋବାଇଲ ଟିମ ମଧ୍ୟ ନିୟୋଜିତ କରାଯାଇଛି। ନିଶ୍ଚିନ୍ତକୋଇଲିରେ ୯ ପ୍ଲାଟୁନ ପୋଲିସ, ୨୫ ଅଧିକାରୀଙ୍କୁ ନିୟୋଜିତ କରାଯାଇଛି। ବିଭିନ୍ନ ସ୍ଥାନରେ ସନ୍ଧ୍ୟାରେ କଡ଼ାକଡ଼ି ଚେକିଂ କରାଯାଇଛି। ନିଶ୍ଚିନ୍ତକୋଇଲି ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ା ଓ ନେମାଳ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ନିଶ୍ଚିନ୍ତକୋଇଲି ବଜାର, ଶୁକରପଡା, କଟିକଟା, ଅସୁରେଶ୍ୱର, ତରତ, ନରେନ୍ଦ୍ରପୁର, ବନ୍ଧକାଟିଆ, ବାଲିଆପଦା ଓ ବରପଡା ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ସାଲେପୁର ଏସ୍‌ଡିପିଓ ସୁରେଶ ଚନ୍ଦ୍ର ଦାସ କହିଛନ୍ତି, ସମସ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। କିପରି ଅବାଧ ଓ ନିରପେକ୍ଷ ନିର୍ବାଚନ ହେବ ତାହା ଉପରେ ସମ୍ପୂର୍ଣ୍ଣ ଦୃଷ୍ଟି ଦିଆଯାଇଛି।

## ବେନାମୀ ପ୍ରଚାରପତ୍ର ଭାଇରାଲ

ପାରାଦୀପ, ୨୮।୪(ସ୍ୱ.ପ୍ର.)

ନିର୍ବାଚନ ଆଉ ମାତ୍ର କେଇଘଣ୍ଟା ବାକିଥିବାବେଳେ ରବିବାର ସୋସିଆଲ ମିଡିଆରେ ପ୍ରାର୍ଥୀଙ୍କ ଜୋର୍‌ଦାର ପ୍ରଚାର ଚାଲିଛି। କେତେକ ଦଳୀୟ ସମର୍ଥକ ସେମାନଙ୍କ ଗ୍ରୁପ୍‌ରେ ପ୍ରତିପକ୍ଷ ପ୍ରାର୍ଥୀଙ୍କ ସମ୍ପର୍କରେ କଟୁ ସମାଲୋଚନା କରୁଛନ୍ତି। ପୁରୁଣା ଫଟୋ ଭିଡ଼ିଓ ଆଦି ଅପ୍‌ଲୋଡ୍ କରି ସମର୍ଥନ ଓ ବିରୋଧ ଚଳାଇଛନ୍ତି। ଏପରି କି ବେନାମୀ ପ୍ରଚାର ପତ୍ର ଭାଇରାଲ ହୋଇଛି। ଅତ୍ୟଧିକ ହ୍ୱାଟ୍ସଆପ ଓ ଫେସ୍‌ବୁକ୍ ବ୍ୟବହାର ଯୋଗୁ ମୋବାଇଲ ହ୍ୟାଙ୍ଗ ହୋଇଯାଇଛି। ତେଣୁ ଅଧିକାଂଶ ଲୋକଙ୍କ ସହ ଫୋନ୍‌ରେ କଥା ହେବା ସମ୍ଭବ ହୋଇପାରିନାହିଁ।

### ଶେଷ ପର୍ଯ୍ୟାୟରେ ଅଣ୍ଟାଭିଡ଼ିଲେ ସନ୍ତୋଷ

ପାରାଦୀପ ବିଜେଡି ରାଜନୀତିରେ ଅନ୍ୟତମ ପ୍ରମୁଖ ନେତା ସନ୍ତୋଷ କୁମାର ପଟ୍ଟନାୟକ ଗତମାସ ୨୯ ତାରିଖରେ ଟିକେଟ ବଣ୍ଟାପରଠାରୁ ଅସନ୍ତୁଷ୍ଟ ଥିଲେ। ଏପରିକି ପ୍ରଚାର କାର୍ଯ୍ୟରେ ସେ ସାମିଲ ହେଉ ନ ଥିଲେ। ପରେ ଦଳ ତାଙ୍କୁ ସମ୍ପାଦକ ପଦବୀ ଦେବା ପରେ ଗତ ସପ୍ତାହେ ହେଲା ସେ ନିର୍ବାଚନୀ ପ୍ରଚାରରେ ସକ୍ରିୟ ହୋଇଥିଲେ। ଏମପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ ଓ ବିଧାୟକ ପ୍ରାର୍ଥୀ ସମ୍ବିତ ରାଉତରାୟଙ୍କୁ ବିଜୟୀ କରିବା ନିମନ୍ତେ ସେ ଏକାଧିକ ବୈଠକ କରିଥିଲେ। ନିଜର ଆଧିପତ୍ୟ ଥିବା ଅଞ୍ଚଳରେ ସେ ନିଜ ଉଦ୍ୟମରେ ପ୍ରଚାର କରିଛନ୍ତି। ଏପରିକି ୮ ସଙ୍ଗଠନର କର୍ମକର୍ତ୍ତା, ସଦସ୍ୟଙ୍କୁ ନେଇ ପ୍ରଚାରରେ ନିୟୋଜିତ କରିଥିଲେ।

### ରମେଶଙ୍କୁ ନେଇ ସଂଶୟ

ପାରାଦୀପ ରାଜନୀତିର ଅନ୍ୟତମ ସଙ୍ଗଠକ ତଥା ୩ଥର ପୌରାଧ୍ୟକ୍ଷ ହୋଇଥିବା ରମେଶ ଚନ୍ଦ୍ର ସାମନ୍ତରାୟଙ୍କୁ ନେଇ ଶେଷ ପର୍ଯ୍ୟନ୍ତ ସଂଶୟ ରହିଛି। ଅର୍ଥାତ୍ ଚଳିତ ନିର୍ବାଚନରେ ସେ ସମ୍ପୂର୍ଣ୍ଣ ନୀରବ ରହିଛନ୍ତି। ତାଙ୍କୁ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀମାନେ ନିଜ ଶିବିରକୁ ନେବାକୁ ବହୁ ଉଦ୍ୟମ କରିଥିଲେ। ଏପରିକି ତାଙ୍କ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। କିନ୍ତୁ ସେ କାହାକୁ ସମର୍ଥନ କରିବେ ତାହା ସ୍ପଷ୍ଟ କରିନାହାନ୍ତି।




ପାରାଦୀପର କେନ୍ଦ୍ରୀୟ ବିଦ୍ୟାଳୟରେ ହୋଇଥିବା ଆଦର୍ଶ ମତଦାନ କେନ୍ଦ୍ର।

## ଜିଲାରେ ୬୦ ମଡେଲ ବୁଥ, ୨୮୦ ସମ୍ବେଦନଶୀଳ

ଜଗତ୍‌ସିଂହପୁର ଅଫିସ,୨୮।୪

- ସମସ୍ତ ବୁଥରେ ପହଞ୍ଚିଲେ ପୁରୁଷ ପୋଲିଂ କର୍ମଚାରୀ
- ଭୋର ୪.୩୦ ସୁଧା ପହଞ୍ଚିବେ ମହିଳା କର୍ମଚାରୀ

ସୋମବାର ଜଗତ୍‌ସିଂହପୁର ଜିଲାରେ ହେବ ନିର୍ବାଚନ। ଚଳିତବର୍ଷ ଜିଲାରେ କାଁ ଭାଁ ଗଣ୍ଡଗୋଳକୁ ବାଦ୍‌ଦେଲେ ନିର୍ବାଚନ ପୂର୍ବରୁ ସେଭଳି କିଛି ବଡ଼ଧରଣର ରାଜନୈତିକ ହିଂସା ଘଟିନାହିଁ। ତଥାପି ଯେହେତୁ ଜିଲାର ୨୮୦ ବୁଥ ସମ୍ବେଦନଶୀଳ ରହିଛି, ତେଣୁ ସମ୍ଭାବ୍ୟ ପରିସ୍ଥିତିକୁ ଦେଖି ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିର୍ବାଚନ ଅବାଧ ଓ ନିରପେକ୍ଷ କରିବା ପାଇଁ ସମସ୍ତ ବ୍ୟବସ୍ଥା ହେଉଥିବା ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଗୁହା ପୁନମ ତାପସ କୁମାର ରବିବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହି ଅବସରରେ ସେ ପୋଲିଂ କର୍ମଚାରୀମାନେ ବୁଥରେ ଠିକ୍ ଭାବେ ପହଞ୍ଚିବା ଉପରେ ଗୁରୁତ୍ୱ ଦେଇଥିଲେ। ଶନିବାର ରାତି ସୁଦ୍ଧା ବୁଥଗୁଡିକରେ ପୁରୁଷ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନେ ପହଞ୍ଚି ସାରିଛନ୍ତି। ସୋମବାର ଭୋର ୪.୩୦ ସୁଦ୍ଧା ମହିଳା ଅଧିକାରୀମାନେ ବୁଥ୍‌ରେ ପହଞ୍ଚିବେ। ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରେ ୧୫ଟି ମଡେଲ ବୁଥ କରାଯାଇଛି। ସେହି ଅନୁଯାୟୀ ଜିଲାର ୪ ବିଧାନସଭା ନିର୍ବାଚନମଣ୍ଡଳୀରେ ମୋଟ ୬୦ ମଡେଲ ବୁଥ ହୋଇଛି। ଏହିସବୁ ବୁଥରେ ପାନୀୟଜଳ, କୋଲ୍ଡ ଡ୍ରିଙ୍କସ୍, ସର୍ବତ ଆଦି ବ୍ୟବସ୍ଥା କରାଯାଇଛି। ୫୨୫ଟି ସୁଗମ୍ୟ ଯାନ ବ୍ୟବସ୍ଥା ହୋଇଛି। ଏଥିରେ ଭିନ୍ନକ୍ଷମ, ବୟସ୍କ ଭୋଟରଙ୍କୁ ଘରୁ ଆଣି ମତଦାନ ପରେ ପୁନର୍ବାର ନେଇ ଛାଡ଼ିବାର ବ୍ୟବସ୍ଥା କରାଯାଇଛି। ଏଥିରେ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସହାୟତା କରିବେ। ଗତ ସାଧାରଣ ନିର୍ବାଚନରେ ପାରାଦୀପ ଓ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀର କିଛି ଅଞ୍ଚଳରେ ମତଦାନ ହାର ୫୦%ରୁ କମ ଥିଲା। ଚଳିତ ନିର୍ବାଚନରେ ଏହି ହାର ବଢାଇବା ପାଇଁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ବିଭିନ୍ନ ପ୍ରକାର ସତର୍କତା ଅବଲମ୍ବନ କରାଯାଇଛି। ପ୍ରଚାର ଓ ପ୍ରସାର ଉପରେ କଟକଣା ଲଗାଯାଇଛି। ସେହିପରି ଲାଉଡ୍ ସ୍ପିକର, ଢାବା, ଗେଷ୍ଟ ହାଉସ, ଲଜିଂ ଆଦିରେ ବାହାର ଲୋକ ରହିବା ଉପରେ ବାରଣ, ମଦ ବିକ୍ରି ଉପରେ କଟକଣା ପ୍ରତି ଅଧିକ ଧ୍ୟାନ ଦିଆଯାଉଥିବା ଜିଲାପାଳ କହିଛନ୍ତି। ଜିଲାରେ ପାଖାପାଖି ୩୩ ହଜାର ଭିନ୍ନକ୍ଷମ ଓ ବୟସ୍କ ଭୋଟର ଅଛନ୍ତି। ପ୍ରତ୍ୟେକ ବୁଥରେ ପାନୀୟ ଜଳ, ବିଦ୍ୟୁତ ସଂଯୋଗ, ର୍‍ୟାମ୍ପ, ଅସ୍ଥାୟୀ ଆଶ୍ରୟସ୍ଥଳ, ଅଧିକ କ୍ଲାସ ରୁମ, ଜଳଛତ୍ର, ଶୌଚାଳୟ ଆଦିର ବ୍ୟବସ୍ଥା କରାଯାଇବା ସେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସହ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ସହାୟକ ଜିଲାପାଳ ଦିନେଶ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।





# ଜମିବାଡ଼ି ବିବାଦରୁ ମହିଳାଙ୍କୁ ଭୁଜାଲିରେ ଆକ୍ରମଣ

■ ଗୁରୁତର ମହିଳା କଟକ ସ୍ଥାନାନ୍ତର
■ ଅଭିଯୁକ୍ତ ଗିରଫ

ଏରସମା,୨୮।୪(ସ୍ୱ.ପ୍ର.)

ଏରସମା ଥାନା ଅନ୍ତର୍ଗତ ନୂଆଡିହି ପଞ୍ଚାୟତସ୍ଥିତ ମଲ୍ଲିପୁର(ପାଟପୁର) ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଜଣେ ମହିଳାଙ୍କୁ ଭୁଜାଲିରେ ଆକ୍ରମଣ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଗ୍ରାମର ନବଘନ ଭୋଲ ଓ ଧ୍ରୁବ ଭୋଲଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଜମିବାଡ଼ି ବିବାଦ ଲାଗି ରହିଥିଲା। ରବିବାର ସକାଳେ ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଧ୍ରୁବ ଭୋଲ(୬୦), ତାଙ୍କ ପୁଅ ସମୀର ଭୋଲ(୩୫) ଓ ବନା ଭୋଲ (୨୫) ମିଳିତ ଭାବେ ନବଘନଙ୍କ ପରିବାର ଉପରେ ଆକ୍ରମଣ କରିଥିଲେ। ସେମାନେ ଏକ ଭୁଜାଲିରେ ନବଘନଙ୍କ ସ୍ତ୍ରୀ ଶାନ୍ତିଲତାଙ୍କ ମୁଣ୍ଡକୁ ହାଣି ଦେଇଥିବା ଅଭିଯୋଗ ହୋଇଛି। ତାଙ୍କ ଚିତ୍କାର ଶୁଣି ପଡ଼ିଶା ଲୋକେ ଚାଲିଆସିବାରୁ ଆକ୍ରମଣକାରୀ ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡ଼ି ଅବସ୍ଥାରେ ଶାନ୍ତିଲତାଙ୍କୁ ଚିକିତ୍ସା ପାଇଁ ଏରସମା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ମାତ୍ର ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ମାମଲା ନଂ. ୫୯/୧୯ ରୁଜୁ ହୋଇଛି। ପୋଲିସ ଅଭିଯୁକ୍ତ ଧ୍ରୁବଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନେ ଫେରାର ଥିବା ଆଇଆଇସି ପ୍ରଶାନ୍ତ କୁମାର ମାଝି କହିଛନ୍ତି।

# ଭୋଟ୍ ବର୍ଜନ କରିବେ ଗ୍ରାମବାସୀ



ବୁଥ୍ ସ୍ଥାନାନ୍ତରକୁ ବିରୋଧ କରୁଥିବା ଗ୍ରାମବାସୀ।

**ପାରାଦୀପ ନିର୍ବାଚନମଣ୍ଡଳୀ**

■ ବୁଥ୍ ସ୍ଥାନାନ୍ତରକୁ ବିରୋଧ
■ ଗାଁଠାରୁ ୨ କିମି ଦୂରରେ ହୋଇଛି ବୁଥ୍

କୁଜଙ୍ଗ/ରାହାମା,୨୮।୪(ସ୍ୱ.ପ୍ର./ଡି.ଏନ୍.ଏ.)

ପାରାଦୀପ ନିର୍ବାଚନମଣ୍ଡଳୀର କୁଜଙ୍ଗ ବ୍ଲକ ଗରେଇ ପଞ୍ଚାୟତ ଅଧୀନ ନାଳିଆପାଳ ଗ୍ରାମବାସୀ ସୋମବାର ହେବାକୁ ଥିବା ୪ର୍ଥ ପର୍ଯ୍ୟାୟ ନିର୍ବାଚନ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପୂର୍ବରୁ ଗ୍ରାମରେ ଥିବା ବୁଥ୍ ଚଳିତଥର ୨ କିମି ଦୂର ବିବଚ୍ଛପୁର ଗ୍ରାମକୁ ସ୍ଥାନାନ୍ତର କରାଯାଇଥିବାରୁ ଏହାକୁ ବିରୋଧ କରି ସେମାନେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଗାଁର ମୁରବୀ ରବୀନ୍ଦ୍ର କୁମାର ବସନ୍ତିଆ, ପ୍ରକାଶ ମହାନ୍ତି, ଚିତ୍ତରଞ୍ଜନ ଲେଙ୍କା, କିଶୋର ମହାନ୍ତି, ସୁକାନ୍ତ ଲେଙ୍କା, ବ୍ରହ୍ମାନନ୍ଦ ଲେଙ୍କା, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ସାରଦା ପ୍ରସନ୍ନ ବସନ୍ତିଆ ପ୍ରମୁଖ କହିଛନ୍ତି ଯେ, ନାଳିଆପାଳର ୧ ଓ ୨ ନଂ.ୱାର୍ଡର ଭୋଟର ପୂର୍ବରୁ ୮୨ ନଂ.ବୁଥ୍‌ରେ ଭୋଟ୍ ଦେଉଥିଲେ। ଚଳିତ ନିର୍ବାଚନରେ ଏହି ବୁଥ୍‌କୁ ଉଦ୍ଦେଶ୍ୟମୂଳକ ଭାବେ ୮୩ ନଂ. ବୁଥ୍‌ରେ ମିଶାଇ ଦିଆଯାଇଛି, ଯାହାକି ଗ୍ରାମଠାରୁ ୨ କିମି ଦୂରରେ ରହିଛି। ଏହା ଦ୍ୱାରା ନିର୍ବାଚନ ଆଇନ ଉଲ୍ଲଂଘନ ହୋଇଛି। ଏହାକୁ ବିରୋଧ କରି ଗ୍ରାମବାସୀ ରାଜ୍ୟ ନିର୍ବାଚନ କମିଶନ, ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ସମେତ ବ୍ଲକ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରା ନଯାଇ ଏବର୍ଷ ଚଳେଇ ଦିଅ ବୋଲି କୁହାଯାଉଛି। ତେଣୁ ବାଧହୋଇ ଗ୍ରାମବାସୀ ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଭୋଟ୍ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ସେହିପରି ସରପଞ୍ଚ ସଂଗ୍ରାମ ମନ୍ତ୍ରୀ କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ଅନ୍ୟାୟ। ଲୋକପ୍ରତିନିଧି ଭାବେ ବୁଥ୍ ପରିବର୍ତ୍ତନ ସମ୍ପର୍କରେ ତାଙ୍କ ସହ କୌଣସି ଆଲୋଚନା କରାଯାଇନାହିଁ। ଗ୍ରାମବାଦୀ ଖରାରେ ଏତେଦୂର ଯାଇ ଭୋଟ୍ ଦେବା କଷ୍ଟକର। ପୂର୍ବତନ ସରପଞ୍ଚ ବାବୁଲି ଦାଶ କହିଛନ୍ତି ଯେ ଏ ସମ୍ପର୍କରେ ଆମେ ଜିଲା ନିର୍ବାଚନ ଅଧିକାରୀଙ୍କୁ ଜଣାଇଥିଲୁ। ଏଡିଏମ୍ ଆସି ଅନୁଧ୍ୟାନ କରିଥିଲେ। କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। କୁଜଙ୍ଗ ନିର୍ବାଚନ ଅଧିକାରୀ ତଥା ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା କହିଛନ୍ତି ସେ ଅବଗତ ଅଛନ୍ତି। ରାତିରେ ପ୍ରଶାସନିକ ଅଧିକାରୀମାନେ ଉକ୍ତ ଯାଇ କୌଣସି ସମାଧାନର ସୂତ୍ର ବାହାର କରିବେ। ଅନ୍ୟପକ୍ଷରେ ଗାଁର ସାହିଗଳିରେ ନେତାଙ୍କ ପୋଷ୍ଟର ବ୍ୟାନର ଛାଇ ହୋଇଯାଇଥିବା ବେଳେ ଗାଁ ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉନଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି।

## ବରଯାତ୍ରୀ ଗାଡ଼ି ଧକ୍କାରେ ଜଣେ ମୃତ

**ପାଟକୁରା, ୨୮।୪ (ଡି.ଏନ୍.ଏ.):** ଗରଦପୁର ବ୍ଲକ ଅଧୀନ ପାଟକୁରା ପଞ୍ଚାୟତ ଲେଖନପଡ଼ା ଗ୍ରାମରେ ବରଯାତ୍ରୀ ଗାଡ଼ି ଧକ୍କାରେ ରବିବାର ରାତିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସେହି ଗ୍ରାମର ସୁରେଶ ସେଠୀ(୩୪)। ଦଲୁଆଣି ଗ୍ରାମରୁ ଏକ ବରଯାତ୍ରୀ ରୋଷଣୀ ଲେଖନପଡ଼ା ଗ୍ରାମକୁ ଆସିଥିଲା। ଏହି ସମୟରେ ସୁରେଶ ଗ୍ରାମର ଠାକୁରାଣୀ ଗଡ଼ିଆ ନିକଟରେ ଏକ ମୋଟର ସାଇକେଲ ଉପରେ ବସିଥିଲେ। ତେବେ ବରଯାତ୍ରୀ ଆସିଥିବା ଏକ ଇଣ୍ଡିକା ସୁରେଶଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ପ୍ରାର୍ଥୀଙ୍କ ଭାଗ୍ୟ ଲେଖିବେ ଭୋଟର

**ମହାକାଳପଡା, ୨୮।୪ (ଡି.ଏନ.ଏ.):** ମହାକାଳପଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସୋମବାର ମତଦାନ ହେବ। ନିର୍ବାଚନରେ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଏଥିରେ ଅବାଧ, ନିରପେକ୍ଷ ଓ ଶାନ୍ତିଶୃଙ୍ଖଳାର ସହ ମତଦାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମହାକାଳପଡା ବିଧାନସଭା ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୩୪ ହଜାରରୁ ଉର୍ଦ୍ଧ୍ୱ ଭୋଟର ଥିବାବେଳେ ଏଠାରେ ମୋଟ୍ ୨୮୨ ବୁଥ୍ ରହିଛି। ସେଥିରୁ ମହାକାଳପଡା ବ୍ଲକର ୩୧ ପଞ୍ଚାୟତର ୧୯୦ ବୁଥ ରହିଛି। ଏହି ବ୍ଲକରେ ୩୧ ସମ୍ବେଦନଶୀଳ ବୁଥ ରହିଥିବା ବେଳେ ଜୟଚନ୍ଦ୍ରପୁର, ଚଢାଇଗୁଆଁ, ରାଜଗଡ ଓ ରାମନଗର ଆଦି ୪ ବୁଥ୍‌ରେ ଆଦର୍ଶ ବୁଥ ରହିଛି। ଏହି ବୁଥ୍‌ଗୁଡ଼ିକରେ ସେଲ୍‌ଫିଜୁଡ୍ ପାଇଁ ବ୍ୟବସ୍ଥା କରାଯାଇଛି।

ମତଦାନ କାର୍ଯ୍ୟ ସୁପରିଚାଳନା ପାଇଁ ବ୍ଲକରେ ୧୭ ସେକ୍ଟର ଅଫିସର, ୫ ମାଜିଷ୍ଟ୍ରେଟ, ୧୯୦ ବୁଥ ଲେବୁର ଅଫିସରଙ୍କୁ ନିୟୋଜିତ କରାଯାଇଛି। ପ୍ରତ୍ୟେକ ଭୋଟ ଗ୍ରହଣ କେନ୍ଦ୍ରରେ ପାନୀୟ ଜଳ, ବିଦ୍ୟୁତ ଓ ଲମ୍ୱାଧାଡି ପାଇଁ ପଦକ୍ଷେପ ନିଆଯାଇଛି।

ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ପାଇଁ ବ୍ୟବସ୍ଥା କରାଯାଇଛି। ସମ୍ବେଦନଶୀଳ ବୁଥ ଗୁଡ଼ିକରେ ଭୋଟ ଗ୍ରହଣ ସମୟରେ ଭିଡିଓ ରେକର୍ଡିଂ ଓ ସିସିଟିଭି ଫୁଟେଜ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ତହସିଲଦାର ତଥା ବ୍ଲକ ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି। ସମସ୍ତ ଭୋଟଗ୍ରହଣ କେନ୍ଦ୍ରରେ ପୋଲିଂ ପାର୍ଟି ପହଞ୍ଚିସାରିଛନ୍ତି। ନଦୀନାଳ ଘେରା ବଟୀଘର ପଞ୍ଚାୟତରେ ୭ଟି ବୁଥ୍‌ରେ ପୋଲିଂ ପାର୍ଟି ସ୍ୱତନ୍ତ୍ର ଡଙ୍ଗା ଯୋଗେ ଶନିବାର ବିଳମ୍ବିତ ରାତିରେ ଭୋଟଗ୍ରହଣ କେନ୍ଦ୍ରକୁ ଯାଇଛନ୍ତି ବୋଲି ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି।

**ଆଜି ୪ର୍ଥ ପର୍ଯ୍ୟାୟ ନିର୍ବାଚନ**






## ଜନ୍ମପୀଠରେ ମଧୁବାବୁଙ୍କ ଜୟନ୍ତୀ

**ସାଲେପୁର,୨୮।୪(ଡି.ଏନ.ଏ.):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଜୟନ୍ତୀ ତାଙ୍କ ଜନ୍ମସ୍ଥାନ ସାଲେପୁର ବ୍ଲକ ଅଧୀନ ସତ୍ୟଭାମାପୁରଠାରେ ରବିବାର ପାଳିତ ହୋଇଯାଇଛି। ମଧୁସ୍ମୃତି କମିଟି ଓ କସ୍ତୁରବା ଗାନ୍ଧୀ ସ୍ମାରକନିଧି ଟ୍ରଷ୍ଟ ମିଳିତ ସହଯୋଗ ଓ ସ୍ଥାୟୀ ସଭାପତି ଡ. ଜେ.ପି. ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଡ. ନିରଞ୍ଜନ ତ୍ରିପାଠୀ, ସମ୍ମାନିତ ଅତିଥି ଡ. ଏକାଦଶୀ ପ୍ରଧାନ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଉପରେ ସାରଗର୍ଭକ ଭାଷଣ ଦେଇଥିଲେ। ଅନ୍ୟତମ ଅତିଥି ସୀତାବଲ୍ଲଭ ମହାପାତ୍ର, ଟ୍ରଷ୍ଟି ଗାୟତ୍ରୀ ଦାସ ଓ ସନ୍ଧ୍ୟାରାଣୀ ମଲ୍ଲିକଙ୍କ ସମେତ ରୋଟାରୀ କ୍ଲବ୍ ସଦସ୍ୟ ଓ କସ୍ତୁରବା ଗାନ୍ଧୀ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ଏବଂ ସ୍ଥାନୀୟ ଗ୍ରାମବାସୀ ଅଂଶଗ୍ରହଣ କରିଥିଲେ।

## ୯୩ ମୋବାଇଲ ଟିମ୍ ରୋକିବ ନିର୍ବାଚନୀ ହିଂସା

**କେନ୍ଦ୍ରାପଡା ଅଫିସ, ୨୮।୪:** କେନ୍ଦ୍ରାପଡା ଜିଲା ସାଧାରଣ ନିର୍ବାଚନରେ ହିଂସାତ୍ମକ କାର୍ଯ୍ୟକଳାପ ରୋକିବା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ୯୩ ମୋବାଇଲ ଟିମ ଗଠନ କରାଯାଇଛି । ଜିଲାର ୫ଟି ବିଧାନସଭା ମଣ୍ଡଳୀରେ ଏହି ଟିମ ପରିକ୍ରମଣ କରିବ । ଏହି ମୋବାଇଲ ଟିମ୍‌ଗୁଡିକୁ ୨୮ଟି ସେକ୍ଟର ଅଫିସର ପରିଚାଳନା କରିବେ ବୋଲି ଏଏସପି ଅରୁଣ କୁମାର ଜେନା ରବିବାର ସୂଚନା ଦେଇଛନ୍ତି । ସେ ପ୍ରକାଶ କରିଛନ୍ତିଯେ, ଜିଲାର ୨୪୯ଟି ପଞ୍ଚାୟତରେ ମୋଟ ବୁଥ ସଂଖ୍ୟା ୧୪୩୮ ରହିଛି। ବିଗତ ନିର୍ବାଚନକୁ ସମୀକ୍ଷା କରି ୩୦୮ ଟି ବୁଥକୁ ସମ୍ବେଦନଶୀଳ ବୁଥ ଭାବେ ଗ୍ରହଣ କରାଯାଇଛି । ଏସବୁ ବୁଥରେ ମନିଟରିଂ ପାଇଁ ଜିଲା ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସିସିଟିଭି ବ୍ୟବସ୍ଥା କରାଯାଇଛି। ଏଥିସହ ଜିଲାର ମୋଟ ୨୨୨୦ ପୋଲିସ କର୍ମଚାରୀ, ୧୧୮ ଏସ୍‌ଆଇ, ଏଏସଆଇ, ୨୫ ଇନସ୍ପେକ୍ଟର, ୧୨ ଡିଏସ୍‌ପି ଓ ୩ ଏଏସପି ନିର୍ବାଚନ କାର୍ଯ୍ୟରେ ସାମିଲ ହୋଇଛନ୍ତି । ଏହାକୁ ଏସପି ନୀତିଶେଖର ପରିଚାଳନା କରୁଛନ୍ତି ।











## ନିଖୋଜ ନାବାଳକ ଉଦ୍ଧାର

**କଟକ ଅଫିସ, ୨୮।୪:** ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ କୈବଲ୍ୟ ବିହାର ଅଞ୍ଚଳରୁ ନିଖୋଜ ହୋଇଯାଇଥିବା ସୂର୍ଯ୍ୟପ୍ରକାଶ ନାମକ ଜଣେ ୧୫ ବର୍ଷର ନାବାଳକଙ୍କୁ ରବିବାର ପୋଲିସ ଓଏମ୍‌ପି ଅଞ୍ଚଳରୁ ଉଦ୍ଧାର କରିଛି। ସେ ଘରେ ନ କହି ଓଏମ୍‌ପି ଅଞ୍ଚଳରେ ରହୁଥିବା ତାଙ୍କର ଜଣେ ସାଙ୍ଗଙ୍କ ଘରକୁ ଯାଇଥିଲେ ବୋଲି ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ଗତ ୨୪ ତାରିଖରେ ସୂର୍ଯ୍ୟ ଘରୁ କେଉଁଆଡେ ପଳାଇ ଯାଇଥିବା ନେଇ ପରିବାର ଲୋକେ ଶନିବାର ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୯ ଏପ୍ରିଲ, ୨୦୧୯



ଯାହାର ଘନିଷ୍ଠ ବନ୍ଧୁମାନେ ଭଲ ଲୋକ ଓ ଶତ୍ରୁମାନେ ନିଶ୍ଚୟ ଖରାପ ଲୋକ, ସିଏ ହିଁ ହେଉଛି ପ୍ରକୃତରେ ଭଲ ଲୋକ।
- ଲାଭେଟର



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ମା' ମୃତ, ପୁଅ ଆହତ



**ଚଣ୍ଡିଖୋଲ,୨୮।୪(ଡି.ଏନ.ଏ.):** ବଡ଼ଚଣା ବ୍ଲକ ଅନ୍ତର୍ଗତ ୫ ନଂ. (କ) ଜାତୀୟ ରାଜପଥ ବାଲିଚନ୍ଦ୍ରପୁର ଛକ ନିକଟରେ ରବିବାର ଅପରାହ୍ନରେ ଏକ ୧୨ ଚକିଆ ଟ୍ରକ୍ ଧକ୍କାରେ ମା'ଙ୍କର ମୃତ୍ୟୁ ହୋଇଥିବାବେଳେ ପୁଅ ଆହତ ହୋଇଛନ୍ତି। ମୃତ ମହିଳା ଜଣକ ହେଲେ ମାହାଙ୍ଗା ଥାନା ଅନ୍ତର୍ଗତ ସିପୁରା ଗ୍ରାମର ମହେନ୍ଦ୍ର ଦାସଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା (୪୭) ଓ ଆହତ ଜଣକ ହେଲେ ମଙ୍ଗୁ। ଖବରପାଇ ବାଲିଚନ୍ଦ୍ରପୁର ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମଙ୍ଗୁଙ୍କୁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ପରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ଚାଳକଙ୍କୁ ଅଟକ ରଖିଛନ୍ତି। ଏଥିସହ ଲକ୍ଷ୍ମୀପ୍ରିୟାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ସୂଚନା ଅନୁଯାୟୀ, ଲକ୍ଷ୍ମୀପ୍ରିୟା ତାଙ୍କ ବଡ଼ପୁଅ ମଙ୍ଗୁଙ୍କ ସହ ସ୍କୁଟି ଯୋଗେ କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଖସାପଡ଼ିଆ ଗ୍ରାମସ୍ଥିତ ବାପଘରକୁ ଯାଉଥିଲେ। ଏହି ସମୟରେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାନପୁର-ବାଲିଚନ୍ଦ୍ରପୁର ମଧ ସ୍ଥଳରେ ଏକ ୧୨ ଚକିଆ ଟ୍ରକ୍ (ଓଡି-୧୬ସି-୧୭୨୦) ତାଙ୍କୁ ଧକ୍କା ଦେଇ ରାସ୍ତା ତଳକୁ ଖସିଯାଇଥିଲା। ଘଟଣାସ୍ଥଳରେ ହିଁ ଲକ୍ଷ୍ମୀପ୍ରିୟାଙ୍କ ମୃତ୍ୟୁ ହୋଇଥିଲା।

### ରଶି ଲଗାଇ ନାବାଳକଙ୍କ ଆତ୍ମହତ୍ୟା

**କାଳିଆପାଣି,୨୮।୪(ଡି.ଏନ୍.ଏ.):** କାଳିଆପାଣି ଥାନା ଅନ୍ତର୍ଗତ କାଙ୍କଡ଼ପାଳ ପଞ୍ଚାୟତ ଭାଲୁକିପାତଳା ଗ୍ରାମର ଜଣେ ନାବାଳକ ରବିବାର ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣଙ୍କ ଭ୍ରମରବର ପାତ୍ରଙ୍କ ପୁଅ ଭୀମ ପାତ୍ର (୧୭)। କାଳିଆପାଣି ଥାନା ଅଧିକାରୀ ରମାକାନ୍ତ ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନା ପଠାଇଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା (୨/୧୯) ରୁଜ କରାଯାଇଥିବା ଥାନା ଅଧିକାରୀ ମୁଦୁଲି ସୂଚନା ଦେଇଛନ୍ତି। କିଛି ବର୍ଷ ତଳେ ଏକ ଦୁର୍ଘଟଣାରେ ଭୀମଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେବେଠାରୁ ସେ ମାନସିକ ଭାରସାମ୍ୟ ହରାଇ ବିଭିନ୍ନ ପ୍ରକାର ପାଗଳାମୀ କରୁଥିଲେ। ଅନେକ ବାର ମଧ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିବା ପରିବାର ଲୋକେ କହିଛନ୍ତି। ପ୍ରକାଶ ଯେ, ରବିବାର ନିଶାଶକ୍ତ ଅବସ୍ଥାରେ ଘର ନିକଟ ଏକ ଗଛରେ ରଶି ଦେଇଥିବା କେତେଜଣ ଦେଖିବାକୁ ପାଇଥିଲେ ।

### ନିର୍ବାଚନ ପାଇଁ ପୋଲିସ ତରଫରୁ ପ୍ରସ୍ତୁତି

**ବରୀ/ ରତ୍ନଗିରି, ୨୮।୪(ସ୍ୱ.ପ୍ର./ଡି.ଏନ.ଏ.):** ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ବରୀ ନିର୍ବାଚନମଣ୍ଡଳୀର ୨୩୬ ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକରେ ପ୍ରସ୍ତୁତି ପର୍ବ ରବିବାର ସନ୍ଧ୍ୟା ସୁଦ୍ଧା ଶେଷ ହୋଇଛି। ଏହି ନିର୍ବାଚନମଣ୍ଡଳୀ ଅଧୀନ ୪୭ ପଞ୍ଚାୟତରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ, ସେ ନେଇ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଏହି ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୮ ହଜାରରୁ ଊର୍ଦ୍ଧ୍ୱ ଭୋଟର ରହିଛନ୍ତି। ବରୀ ଅଞ୍ଚଳର ବିଭିନ୍ନ ସ୍ଥାନରେ ୧୧ ଟ୍ରାଫିକ ପୋଷ୍ଟ, ଅସାମାଜିକ କାର୍ଯ୍ୟକଳାପ ରୋକିବା ପାଇଁ ୧୫ ମୋବାଇଲ ଭ୍ୟାନ୍, ୬ ସେକ୍ଟର ଅଫିସର, ୨ ଜୋନାଲ୍ ଅଫିସର ଓ ୧ ଆଡିଶନାଲ ଏସ୍‌ପି ନିର୍ବାଚନ ସମୟରେ ଉପସ୍ଥିତ ରହିବେ ବୋଲି ଜଣାପଡ଼ିଛି। ୭୦ରୁ ଊର୍ଦ୍ଧ୍ୱ ବୁଥ୍‌ରେ ଉତ୍ତେଜନାପ୍ରବଣ ଆଶଙ୍କା କରି ପ୍ରଶାସନ ପକ୍ଷରୁ ପୋଲିସ ମୁତୟନ କରାଯାଇଛି। ଶାନ୍ତିଶୃଙ୍ଖଳାର ସହ ମତଦାନ ପାଇଁ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି।

# ହେଭିୱେଟ ନେତାଙ୍କ ଉପରେ ନଜର

**ଯାଜପୁର ଜିଲା ରାଜନୀତି**
- ହାଟ୍ରିକ ଅପେକ୍ଷାରେ ଅମର, ଡାନି ଓ ବବି
- ଲଗାତର ୫ଥର ଜିତିବା ଲକ୍ଷ୍ୟରେ ପ୍ରମିଳା

**ଯାଜପୁର ଅଫିସ,୨୮।୪**

ରାତି ପାହିଲେ ରାଜ୍ୟରେ ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବ । ଏଥିରେ ଯାଜପୁର ଜିଲାର ଗୋଟିଏ ଲୋକସଭା ଓ ୭ ବିଧାନସଭା ଆସନ ପାଇଁ ନିର୍ବାଚନୀ ମଇଦାନରେ ୬୧ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ହେଭିୱେଟ ନେତା ନିର୍ବାଚନୀ ବୈତରଣୀ ପାର କରିପାରୁଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି। ଏହି ନିର୍ବାଚନରେ ଭାଗ୍ୟ ପରୀକ୍ଷା କରିବା ପାଇଁ ବିଜେଡି ଓ ଭାଜପାର ବହୁ ତୁଙ୍ଗ ନେତା ଓ ପ୍ରତିଷ୍ଠିତ ରାଜନେତା ପ୍ରସ୍ତୁତ ରହିଛନ୍ତି। ପୂର୍ବତନ ଶକ୍ତିମନ୍ତ୍ରୀ ତଥା ବିଜେଡି ରାଜ୍ୟ ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ବିଧାୟକ ପ୍ରଣବପ୍ରକାଶ ଦାସ(ବବି) ଯାଜପୁର ଆସନରୁ ୨୦୦୯ରୁ ଲଗାତାର ଜିତି ଆସୁଛନ୍ତି। ଏହି ଆସନରୁ ଚଳିତ ନିର୍ବାଚନରେ ହାଟ୍ରିକ ମାରିବା ଲକ୍ଷ୍ୟରେ ସେ ରହିଛନ୍ତି। ତାଙ୍କ ବିରୋଧରେ ଭାଜପା ଜିଲା ସଭାପତି ଗୌତମ ରାୟ ପ୍ରାର୍ଥୀ ହୋଇଛନ୍ତି। କଂଗ୍ରେସର ସନ୍ତୋଷ ନନ୍ଦ ମଧ୍ୟ ନିର୍ବାଚନ ଲଢୁଛନ୍ତି। ଏଠାରେ ବିଜେଡି ଓ ଭାଜପା ମଧ୍ୟରେ କଡା ମୁକାବିଲା ହେଉଛି।

ସେହିପରି ବିଞ୍ଝାରପୁର ବିଧାନସଭା ଆସନରେ ପ୍ରମିଳା ମଲିକ ଜଣେ ହେଭିୱେଟ ନେତ୍ରୀ ଭାବେ ନିର୍ବାଚନ ଲଢୁଥିବାବେଳେ ତାଙ୍କୁ ଟକ୍କର ଦେଉଛନ୍ତି କଂଗ୍ରେସରୁ ଭାଜପାକୁ ଆସିଥିବା ବବିତା ମଲିକ ଓ କଂଗ୍ରେସ ଦଳର ମନୋରଞ୍ଜନ ଦାସ। ଏଠାରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଚାଲିଥିବା ଚର୍ଚ୍ଚା ହେଉଛି। ୪ଥର ବିଧାୟିକା ହୋଇଥିବା ପ୍ରମିଳା ଏଥର କଡ଼ା ମୁକାବିଲାର ସମ୍ମୁଖୀନ ହେଉଛନ୍ତି। ଏଥର ପ୍ରମିଳା ଜିତିଲେ ସେ ଲଗାତାର ୫ଥର ଜିତି ରେକର୍ଡ କରିବେବୋଲି ଆଶା ବାନ୍ଧିଛନ୍ତି।

ବଡଚଣା ନିର୍ବାଚନମଣ୍ଡଳୀରେ ପୂର୍ବତନ ମନ୍ତ୍ରୀ ତଥା ସରକାରୀ ଦଳର ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଗତ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚନ ଲଢିଥିବା ଅମର ନାୟକ ଏଥର ଭାଜପା ପ୍ରାର୍ଥୀ ହୋଇଛନ୍ତି। ତଥାପି ଉଭୟଙ୍କ ମଧ୍ୟରେ କଡା ମୁକାବିଲା ହେଉଥିବା ଚର୍ଚ୍ଚା ହେଉଛି। ଶେଷ ମୁହୂର୍ତ୍ତରେ କଂଗ୍ରେସର ସୀତାକାନ୍ତ ମହାପାତ୍ର ଟିକେଟ ଫେରାଇ ଦେଇଥିଲେ। ଫଳରେ ଏଠାରେ ଭାଜପା ଓ ବିଜେଡି ମଧ୍ୟରେ ଲଢେଇ ହେଉଛି। ବିଜେଡିରୁ ଶତପଥୀ ଜିତିଲେ ଏଥର ହାଟ୍ରିକ କରିବେ। ଧର୍ମଶାଳା ବିଧାୟକ ପ୍ରଣବ ବଳୱନ୍ତରାୟ ଦ୍ୱିତୀୟ ଥର ଜିତିବା ପାଇଁ ଆଶା ରଖିଛନ୍ତି। ତାଙ୍କ ବିରୋଧରେ ସେଭଳି କୌଣସି ହେଭିୱେଟ ନେତା ମଇଦାନରେ ନ ଥିଲେ ହେଁ ଭାଜପାର ରମେଶ ପରିଡ଼ା ଓ କଂଗ୍ରେସରୁ ସ୍ମୃତିରେଖା ପହି ତାଙ୍କୁ ଟକ୍କର ଦେଉଛନ୍ତି। ସେହିଭଳି ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ପୂର୍ବତନ ମନ୍ତ୍ରୀ ଶରତ ରାଉତ ଓ ବିଜେଡିର ପ୍ରୀତିରଞ୍ଜନ ଘଡେଇ(ଡାନି) ସୁକିନ୍ଦା ନିର୍ବାଚନମଣ୍ଡଳୀରେ ମୁହାଁମୁହିଁ ହୋଇଛନ୍ତି। ଏଥର ଭାଜପା ଟିକେଟରୁ ପ୍ରଦୀପ ବଳସାମନ୍ତ ମଧ ଏହି ଲଢେଇରେ ସାମିଲ ହୋଇଛନ୍ତି। ଏଠାରେ ତ୍ରିମୁଖୀ ଲଢ଼େଇ ଜୋରଦାର ଚାଲିଥିବାରୁ ଭୋଟର କାହାକୁ ସମର୍ଥନ କରିବେ ତାହା ଅସ୍ପଷ୍ଟ ରହିଛି। ପ୍ରୀତିରଞ୍ଜନ ଏଥର ଜିତିଲେ ତାଙ୍କ ପାଇଁ ମଧ ହାଟ୍ରିକ ହେବ। ୨୦୦୯ରେ କୋରେଇ ଓ ୨୦୧୪ରେ ସୁକିନ୍ଦା ଆସନରେ ଲଗାତାର ଭାବେ ସେ ଜିତି ଆସିଛନ୍ତି। ଲୋକସଭା ଆସନରେ ପୂର୍ବତନ ପ୍ରଶାସନିକ ଅଧିକାରିଣୀ ଶର୍ମିଷ୍ଠା ସେଠୀ ବିଜେଡିରେ ଯୋଗଦେଇ ପ୍ରଥମ କରି ଯାଜପୁର ଏମ୍‌ପି ପଦ ପାଇଁ ନିର୍ବାଚନ ଲଢୁଛନ୍ତି। ତାଙ୍କ ବିରୋଧରେ ଭାଜପାର ଅମିୟ ମଲିକ ଦ୍ୱିତୀୟ ଥର ନିର୍ବାଚନକୁ ଓହ୍ଲାଇଛନ୍ତି। କଂଗ୍ରେସର ମାନସ ଜେନା ପ୍ରାର୍ଥୀ ହୋଇଥିବାବେଳେ ଭାଜପା ଓ ବିଜେଡି ମଧ୍ୟରେ ମୁକାବିଲା ହେଉଛି।

### ନଦୀରେ ବୁଡ଼ି ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**ଧର୍ମଶାଳା,୨୮।୪(ଡି.ଏନ୍.ଏ.)**

ଧର୍ମଶାଳା ଥାନା କାଏମା ଗ୍ରାମର ଜୟଶ୍ରୀ ସପ୍ତମ ଶ୍ରେଣୀ ଛାତ୍ରଙ୍କ ରବିବାର କେଲୁଅ ନଦୀରେ ବୁଡ଼ି ମୃତ୍ୟୁ ବରଣ କରିଛନ୍ତି। ମୃତକ ଜଣଙ୍କ ଲକ୍ଷ୍ମୀସାହି ରତ୍ନାକର ସାହୁଙ୍କ ଝିଅ ଜୟଶ୍ରୀ ସାହୁ (୧୨)। ଖବର ପାଇ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଜୟଶ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ଜୟଶ୍ରୀ ସକାଳେ କେଲୁଅନଦୀରେ ଗାଧୋଉଥିବା ବେଳେ ଦଳରେଛନ୍ଦି ହୋଇ ପଡିବାରୁ ପାଣିରେ ବୁଡି ଯାଇଥିବା ଅନୁମାନ କରାଯାଉଛି।

## ଜିଲାସ୍ତରୀୟ ଆଇନଜୀବୀ ଦିବସ

**ଯାଜପୁରରୋଡ,୨୮।୪(ନି.ପ୍ର.)**



ଜିଲା ଟ୍ୟାକ୍ସ ବାର ଆସୋସିଏଶନ ପକ୍ଷରୁ ଆୟୋଜିତ ଆଇନଜୀବୀ ଦିବସ ଓ ମଧୁବାବୁ ଜୟନ୍ତୀ।

ଯାଜପୁର ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏଶନ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ ଓ ଜିଲାସ୍ତରୀୟ ଆଇନଜୀବୀ ସମାରୋହ ରାଜମହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ସଭାପତି ବିବେକାନନ୍ଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ଅତିରିକ୍ତ ଜିଲା ଜଜ୍ ବିରଞ୍ଚି ନାରାୟଣ ଆଇଚ, ଓଡିଶା ହାଇକୋର୍ଟ ବରିଷ୍ଠ ଆଇନଜୀବୀ କ୍ଷୀରୋଦ ଚନ୍ଦ୍ର ରାଉତ, ବିଶିଷ୍ଟ ଶିକ୍ଷାବିତ ଦୁଷ୍ମନ୍ତ ନାୟକ, ଚନ୍ଦ୍ରଶେଖର ପଣ୍ଡା, ବ୍ୟାସନଗର ବାର ଆସୋସିଏଶନର ନାରାୟଣ ଚନ୍ଦ୍ର ପତି, ଯାଜପୁର ରୋଡ ସଭାପତି ମଙ୍ଗଳୀ ଚରଣ ସାହୁ, କଳିଙ୍ଗନଗର ବାର ମନିନ୍ଦ୍ର କୁମାର ଧଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଯାଜପୁରରୋଡରେ ସ୍ଥାନୀୟ ଓକିଲ ସଂଘ ତରଫରୁ କୋର୍ଟ ପରିସରରେ ରବିବାର ଆଇନଜୀବୀ ଦିବସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ନାରାୟଣ ପ୍ରସାଦ ପତି ସଭାପତିତ୍ୱ କରିଥିଲେ। ଜେଏମଏଫସି ଲୋପାମୁଦ୍ରା ପ୍ରକାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ମକଦ୍ଦମା ପରିଚାଳନା ବେଳେ ଆଇନଜୀବୀଙ୍କୁ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଆଇନଜୀବୀ ସୁଧାଂଶୁ ଶେଖର ଦାସ, ଯାଜପୁର ଓକିଲ ସଂଘର ସଭାପତି ମଙ୍ଗୁଳି ଚରଣ ସାହୁ, ସମ୍ପାଦକ ଜଗନ୍ନାଥ ପ୍ରସାଦ ପତି, ବ୍ୟାସନଗର ଓକିଲ ସଂଘର ସମ୍ପାଦକ ରବିନ୍ଦ୍ର କୁମାର ନାୟକ, ବିଜୟ କୁମାର ମହାନ୍ତି, ସରକାରୀ ଓକିଲ ରଜତ କୁମାର ରାଉତ, କିଶୋର ସେନାପତି, କୈଳାସ ବେହେରା, ସମ୍ବାଦ ସାହିତ୍ୟଘର ସଭାପତି ସଂଯୁକ୍ତା ମହାପାତ୍ର ଉପଥିତ ଥିଲେ। ସେହିପରି ଶହୀଦ ଭଗଦ ସିଂ ଯୁବକ ସଂଘ ପକ୍ଷରୁ ତହସିଲ ଅଫିସ ପରିସରରେ ଥିବା ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଅନୁଷ୍ଠିତ ହୋଇଥିଲା। ଯୁବକ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ବ୍ରଜ କିଶୋର ପତି, ନାରାୟଣ ଚନ୍ଦ୍ର ନାୟକ, ଚନ୍ଦ୍ରମଣି ସାମଲ, କଳିଙ୍ଗ ପହି, ମହେଶ୍ୱର ନାୟକ, ତପନ ବାରିକ, ସଂଗ୍ରାମ ଜେନା, ଜୟଶଙ୍କର ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଏହି ଅବସରରେ ବରିଷ୍ଠ ଆଇନଜୀବୀ ବ୍ରଜ କିଶୋର ପତଙ୍କୁ ଭାଷା ଆନ୍ଦୋଳନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅସହ୍ୟ ଉତ୍ତାପ, ରାସ୍ତାଘାଟ ଶୂନଶାନ

**ଧର୍ମଶାଳା, ୨୮।୪(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅଞ୍ଚଳରେ ରବିବାର ପ୍ରବଳ ଖରା ସାଙ୍ଗକୁ ଅସହ୍ୟ ଗରମ ଓ ଗୁଳୁଗୁଳି ଅନୁଭୂତ ହୋଇଛି। ଅଞ୍ଚଳରେ ପାଖାପାଖି ୪୦ ଡିଗ୍ରୀ ତାପମାତ୍ରା ରହିଥିବା ଜଣାପଡିଛି। ଫଳରେ ଦିନ ୧୧ଟା ବେଳେ ରାସ୍ତାଘାଟ ଶୂନଶାନ ହୋଇଯାଇଥିଲା। ଏପରିକି ଜାରକା, ଧର୍ମଶାଳା, କାଏମା, ନାକପୋଲ ଓ ଚଢେଇଧରା, ଆରୁହା ବଜାରଗୁଡିକରେ ବ୍ୟବସାୟୀ ଦୋକାନ ବନ୍ଦ କରିଦେଇଥିଲେ। ଜାତୀୟ ରାଜପଥରେ ଚାଲିଥିବା ବସ୍‌ଗୁଡିକରେ ଯାତ୍ରୀ କମ୍ ଆସୁଥିବା ଦେଖିବାକୁ ମିଳିଥିଲା। ଜାରକା ବସ୍‌ଷ୍ଟାଣ୍ଡରେ ବିଶ୍ରାମ ଗୃହ ନ ଥିବାରୁ ଯାତ୍ରୀ ବସ୍‌କୁ ଅପେକ୍ଷା କରି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖରାରୁ ତ୍ରାହି ପାଇବା ପାଇଁ ଲୋକେ ମୁଣ୍ଡରେ ଓଦା ଗାମୁଛା ଓ ଟୋପି ଲଗାଇ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଥିଲା। ଅଧିକାଂଶ ଲସି ସରବତ, ଆଖୁରସ ଓ ତରଭୁଜ ଦୋକାନରେ ଭିଡ ଜମିଥିଲା। ଅପରପକ୍ଷେ ପ୍ରବଳ ଖରାଯୋଗୁ ସାଧାରଣଲୋକେ ଘରୁ ବାହାରକୁ ବାହାରିପାରୁ ନ ଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ୍ ଲୋକଙ୍କ ସମସ୍ୟାକୁ ଦ୍ୱିଗୁଣିତ କରୁଛି । ରାଜପଥ ନିର୍ମାଣ କାର୍ଯ୍ୟ ଚାଲଥିବାରୁ ରାସ୍ତା କଡ଼ରେ ଥିବା ଗଛ ସବୁ କାଟି ଦିଆଯାଇଥିବାରୁ ରାଜପଥ ଦେଇଯାଉଥିବା ବାଇକ, ସାଇକେଲ ଆରୋହୀ ବିଶ୍ରାମ ପାଇଁ ଗଛଛାଇ ଟିକେ ପାଇ ପାରୁ ନାହାଁନ୍ତି। ପ୍ରଚଣ୍ଡ ଖରାଯୋଗୁ ଧର୍ମଶାଳା ଅଞ୍ଚଳରେ ନଦୀ କୂଅ ପୋଖରୀ ପାଣି ଶୁଖିବାରେ ଲାଗିଛି। ଏଭିଳସ୍ଥିତିରେ ପଶୁ ପକ୍ଷୀ ମଧ ପାଣି ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

## ନିର୍ବାଚନ କାର୍ଯ୍ୟରେ ଅବହେଳା: ୫ କର୍ମଚାରୀ ନିଲମ୍ବିତ

**ଯାଜପୁର ଅଫିସ/ ଯାଜପୁର ଟାଉନ(ଡିଏନଏ)୨୮।୪**

ନିର୍ବାଚନ କାର୍ଯ୍ୟରେ ଅବହେଳା ଯୋଗୁ ଜିଲାପାଳ ରଞ୍ଜନ କୁମାର ଦାସ ୫ ଜଣ ପୋଲିଂ କର୍ମଚାରୀଙ୍କୁ ନିଲମ୍ବନ କରିଛନ୍ତି। ଯାଜପୁର ଜିଲା କୋରେଇ ବିଧାନସଭା ନିର୍ବାଚନମଣ୍ଡଳୀ ୪୨ନମ୍ବର ବୁଥର ପ୍ରିଜାଇଡିଂ ଅଫିସର ନାରାୟଣ ଚନ୍ଦ୍ର ଦାସ ବୁଥକୁ ନ ଯିବାରୁ ନିଲମ୍ବିତ ହୋଇଛନ୍ତି। ଦାସ ବିଞ୍ଝାରପୁର ବ୍ଲକ ପ୍ରୀତିପୁର ବି.ବି. ହାଇସ୍କୁଲର ଶିକ୍ଷକ ଅଟନ୍ତି। ସେ ଶନିବାର କାର୍ଯ୍ୟରେ ଯୋଗଦେଇ ମେଟେରିଆଲ୍ସ ସଂଗ୍ରହ କରି ଟିମ୍‌ର ଅନ୍ୟ ସଦସ୍ୟଙ୍କୁ ବୁଥକୁ ପ୍ରେରଣ କରିଥିଲେ। ହେଲେ ସେ ନିଜେ ରବିବାର ପର୍ଯ୍ୟନ୍ତ ବୁଥକୁ ଯାଇ ନ ଥିଲେ। ଏଭଳି ଅବହେଳା ପାଇଁ ଜିଲାପାଳ ଦାସ ନିର୍ବାଚନ ଆଇନ ଅନୁଯାୟୀ ତୁରନ୍ତ ତାଙ୍କୁ ନିଲମ୍ବନ କରିବା ସହ ନୂତନ ପ୍ରିଜାଇଡିଂ ଅଫିସରଙ୍କୁ ବୁଥକୁ ପ୍ରେରଣ କରିଥିଲେ । ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ୧୩୭ ନଂ. ବୁଥ୍‌ର ୩ୟ ପୋଲିଂ ଅଫିସର ରଜନିକାନ୍ତ ମହାନ୍ତିଙ୍କୁ ମାଦକଦ୍ରବ୍ୟ ସେବନର ଅଭିଯୋଗ ସହ ନିର୍ବାଚନ ପର୍ଯ୍ୟବେକ୍ଷକ ବୁଥ୍ ଗସ୍ତରେ ଥିବା ସମୟରେ ଅନୁପସ୍ଥିତ ରହିଥିବା କାରଣରୁ ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ସେହିପରି ରିଜିଓନାଲ କଲେଜ୍ ରାମବାଗର ଅଧ୍ୟାପକ ପ୍ରମୋଦ କୁମାର ରାଉତ, ବିରଜା ମହିଳା ମହାବିଦ୍ୟାଳୟର ଅଧ୍ୟାପକ ସଞ୍ଜୟ କୁମାର ସାମଲଙ୍କୁ ନିର୍ବାଚନ କାର୍ଯ୍ୟରେ ଯୋଗ ନ ଦେବା କାରଣରୁ ନିଲମ୍ବନ କରାଯାଇଛି। ବ୍ରହ୍ମବରଦା ମହାବିଦ୍ୟାଳୟର ଡେମନଷ୍ଟ୍ରେଟର ଅଶୋକ କୁମାର ଜେନା ନିର୍ବାଚନ କାର୍ଯ୍ୟରେ ଯୋଗ ନ ଦେବା, ବୁଥ୍ ଆଲର୍ଟ ହେବା ସତ୍ତ୍ୱେ ମଧ ଆତ୍ମଗୋପନ କରିବା ଯୋଗୁ ତାଙ୍କୁ ନିଲମ୍ବନ କରାଯାଇଛି। ରବିବାର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ଏହି ନିର୍ଦ୍ଦେଶ ଜାରି କରିଛନ୍ତି।

## ଜଳଛତ୍ର ଉଦ୍‌ଘାଟିତ

**ରତ୍ନଗିରି,୨୮।୪(ଡି.ଏନ.ଏ.)**

ପ୍ରବଳ ଗୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବରୀ ବ୍ଲକ ଅନ୍ତର୍ଗତ ବାଲିଆପାଳ ଛକ ନିକଟରେ ଭଅଁରା ପଞ୍ଚାୟତର ଶ୍ରୀଜଗନ୍ନାଥ ଆଶ୍ରମ (ଚଟୁମାରି) ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ ହୋଇଯାଇଛି। ଦହି, ସର୍ବତ ଓ ଥଣ୍ଡା ପାନୀୟଜଳ ରାସ୍ତାରେ ଯାଉଥିବା ବାଟୋଇଙ୍କୁ ଦିଆଯାଉଥିବାର ଦେଖିବାକୁ ମିଳିଛି। ଶିକ୍ଷାବିତ୍ ଚକ୍ରଧର ବାରିକ ଜଳଛତ୍ର ଉଦ୍‌ଘାଟନ କରିଥିଲେ। ଆଶ୍ରମର ମୁଖ୍ୟ ସେବକ ହେମନ୍ତ ପ୍ରଧାନ, ପୀତାମ୍ବର କର, ଦୀପକ କୁମାର ନାୟକ, ବିଜୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ପ୍ରଶାସନ ତରଫରୁ ଛକ ବଜାରରେ ପାନୀୟ ଜଳର ବ୍ୟବସ୍ଥା କରାଯାଇ ନ ଥିବାବେଳେ ସ୍ୱେଚ୍ଛାସେବୀ ସଙ୍ଗଠନର ଏଭଳି କାର୍ଯ୍ୟକ୍ରମକୁ ସାଧାରଣରେ ପ୍ରଶଂସା କରାଯାଇଛି।




ବାଲିଆପାଳ ଛକ ନିକଟରେ ଜଳଛତ୍ର ଉଦ୍‌ଘାଟିତ।

## ଭୋଟ ପାଇଁ ନୋଟ ବଣ୍ଟା ଭିଡିଓ ଭାଇରାଲ

**ଧର୍ମଶାଳା,୨୮।୪(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ପଞ୍ଚାୟତରେ ଭୋଟ ପାଇଁ ଏସ୍‌ଏସ୍‌ଜି ଗ୍ରୁପ୍ ମହିଳାଙ୍କୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ପକ୍ଷରୁ ଟଙ୍କା ଦିଆଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦେଖିବାକୁ ମଳିଛି। ଏ ନେଇ ବିଭିନ୍ନ ଦଳର ପ୍ରାର୍ଥୀ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି। ଏହାକୁ ନେଇ ଧର୍ମଶାଳା ରାଜନୀତି ସରଗରମ ହେବାରେ ଲାଗିଛି। ପ୍ରକାଶ ଯେ, କୁମାରୀ ପଞ୍ଚାୟତରେ ରବିବାର ସ୍ଥାନୀୟ ଅଞ୍ଚଳର ଏସ୍‌ଏସ୍‌ଜି ଗ୍ରୁପ୍‌କୁ ୨ହଜାର ଟଙ୍କା ଲେଖାଏଁ ଟଙ୍କା ବାଣ୍ଟାଯାଇଥିଲା। ହେଲେ ଗ୍ରୁପର ମହିଳାମାନେ ଲାଞ୍ଚନେଇ ଭୋଟ ଦେବେ ନାହିଁ ବୋଲି ରୋକ୍‌ଠୋକ୍ ଜଣାଇଥିଲେ। କିନ୍ତୁ ଟଙ୍କା ଦେଉଥିବା ବ୍ୟକ୍ତି ଜଣଙ୍କ ମହିଳାଙ୍କୁ ବୁଝାଇବାକୁ ଯାଇ ତୁମେମାନେ ପାଟିକର ନାହିଁ , ପୂର୍ବରୁ କ'ଣ ପଇସା ନେଇ ନାହଁ ବୋଲି ସେମାନଙ୍କୁ କହୁଥିବା ଭିଡିଓରେ ଦେଖିବାକୁ ମିଳିଛି । ଏହିପରି ଗଙ୍ଗାଧରପୁର, ଦେଓଦା ଓ ମଙ୍ଗଳପୁର ପଞ୍ଚାୟତଗୁଡିକରେ ଏସ୍‌ଏସ୍‌ଜି ଗ୍ରୁପ୍‌ର ମହିଳାଙ୍କୁ ଟଙ୍କାବଣ୍ଟା ଯାଉଥିବା ମଧ ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି।

## ବିଭିନ୍ନ ସ୍ଥାନରେ ମଧୁବାବୁଙ୍କ ଜୟନ୍ତୀ



ମଧୁବାବୁଙ୍କ ଜୟନ୍ତୀରେ ଉପସ୍ଥିତ ଯାଜପୁର ବାର ଆସୋସିଏଶନର କର୍ମକର୍ତ୍ତା।

**ଯାଜପୁର ଟାଉନ,୨୮।୪(ଡି.ଏନ୍.ଏ.)**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଜିଲା ପ୍ରଶାସନ ଓ ପତଞ୍ଜଳୀ ଯୋଗ ଶିବିରର ପ୍ରଶିକ୍ଷାର୍ଥୀ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମଧୁବାବୁ ଓଡ଼ିଆ ଜାତିର ପ୍ରଥମ ଗ୍ରାଜୁଏଟ୍, ପ୍ରଥମ ବିଲାତ ଯାତ୍ରୀ, ବାରିଷ୍ଟର ଓ ଓଡ଼ିଆ ଜାତି ପାଇଁ ସୁନାମ ଆଣିଥିଲେ ବୋଲି ଜଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଯୋଗଦେଇ କହିଥିଲେ। ନିଷିଧ ଦାସ, ଗୋପୀନାଥ ସେଠୀ, ପ୍ରବୋଧ ନାୟକ, ସରୋଜ କୁମାର ଜେନା, ଦେବେନ୍ଦ୍ର କୁମାର ସେଠୀ, ଆନନ୍ଦ ଚନ୍ଦ୍ର ସାହୁ, ସୁଶାନ୍ତ କୁମାର ଗୋଛାୟତ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସେହିପରି ଯାଜପୁର ବାର୍ ଆସୋସିଏଶନର ଆଇନଜୀବୀଙ୍କ ପକ୍ଷରୁ ରବିବାର ମଧୁବାବୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବାର ଆସୋସିଶନ୍ ହଲ ପରିସରରେ ମଧୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଯାଜପୁର ବାର ଆସୋସିଏଶନ୍‌ର ସଭାପତି ପ୍ରଫୁଲ୍ଲ କୁମାର ସାମଲ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ରଞ୍ଜିତ କୁମାର ଧଳ, ରାକେଶ ମିଶ୍ର, ବିପ୍ଳବ ତ୍ରିପାଠୀ, ଚକ୍ରଧର ବିଶ୍ୱାଳ, ଅଶୋକ କୁମାର ପାହିଲ, ଅଶୋକ କୁମାର ବିଶ୍ୱାଳ, ଅଶୋକ କୁମାର ବିହାରୀ ପ୍ରମୁଖ ଯୋଗଦେଇଥିଲେ।

## ରାଜନୀତି ପଶାପାଲିରେ ଶ୍ରମିକଙ୍କ ଜୀବନ

**ସୁକିନ୍ଦା ଖଣିଅଞ୍ଚଳ**
- ୧୯୯୦ ପରଠାରୁ ୟୁନିୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା
- ଶ୍ରମିକଙ୍କୁ ଇଚ୍ଛା ବିରୋଧରେ ଭୋଟ ଦେବାକୁ ବାଧ କରାଯାଉଛି।

**ସୁକିନ୍ଦା,୨୮।୪(ଡି.ଏନ୍.ଏ.)**

ସୁକିନ୍ଦା ଖଣିଅଞ୍ଚଳର ଖଣି ଖାଦାନରେ କାର୍ଯ୍ୟରତ ଲୋଡିଂ ଶ୍ରମିକ ବିଭିନ୍ନ ପ୍ରକାର ଶୋଷଣର ଶିକାର ହେଉଛନ୍ତି। ଦୈନନ୍ଦିନ କଠିନ ପରିଶ୍ରମ କରି ମଧ ଶ୍ରମିକ ତାର ମୌଳିକ ସୁବିଧା ପାଉ ନାହିଁ। ରାଜନୀତିର ପଶାପାଲିରେ ଶ୍ରମିକ ଛନ୍ଦି ହୋଇ ଯାଉଥିବାବେଳେ ଶ୍ରମିକଙ୍କୁ ଢାଲ କରି କେତେକ ନେତା ନିଜ ଆଧିପତ୍ୟ ବିସ୍ତାର କରିଆସୁଥିବା ଚର୍ଚ୍ଚା ହେଉଛି।

ସୁକିନ୍ଦା ଅଞ୍ଚଳର ବିଭିନ୍ନ ଖଣିରେ ମୁଳଖମ୍ଭ, ବଡଲଣ୍ଡା, ପୋବଳ, ଦାମୋଦରପୁର, ଗନ୍ଧାପାଳ, ନୂଆଡିହ, ମାନତିରା, କାକୁଡ଼ିଆ, ମହୁଲଖାଲ, ଅଭୟପୁର, ଆମ୍ବଳବା ସହ ଅନ୍ୟାନ୍ୟ ଗ୍ରାମରୁ ପାଖାପାଖି ୩ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଲୋଡିଂ ଶ୍ରମିକଭାବେ ନିୟୋଜିତ ହୋଇଛନ୍ତି। ଦୀର୍ଘବର୍ଷ ଧରି କାମକରି ଆସୁଥିଲେ ମଧ ସେମାନଙ୍କୁ ସ୍ଥାୟୀ ନିଯୁକ୍ତ ପ୍ରଦାନ କରାଯାଇ ନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ ଠିକାଦାରଙ୍କ ଅଧୀନରେ ଲୋଡିଂ ଶ୍ରମିକଭାବେ କାମ କରୁଛନ୍ତି। ଅପରପକ୍ଷେ ଗାଡିରେ ଟନ୍ ହିସାବରେ ଲୋଡିଂକୁ ନେଇ ପ୍ରତି ଶ୍ରମିକଙ୍କ ପିଛା କେତେ ଟଙ୍କା ଆସୁଛି ତାହା ମଧ ସେମାନଙ୍କୁ ଜଣାଯାଉ ନାହିଁ। ଏମତିକି ସ୍ୱାସ୍ଥ୍ୟ ବୀମା କି ଜୀବନ ବୀମା ପ୍ରଦାନ କରାଯାଉ ନାହିଁ। ଖାଦାନରେ ଆକସ୍ମିକ ମୃତ୍ୟୁ ପରେ ମଧ ପରିବାରକୁ ପ୍ରୋତ୍ସାହନ ରାଶି ମିଳୁନି। ଟାଟା କମ୍ପାନୀ ଖଣି ଖନନ ଆରମ୍ଭ ସମୟରେ ସ୍ଥାନୀୟ ଅଞ୍ଚଳର ଶ୍ରମିକମାନେ କ୍ରୋମାଇଟ ଖନନ କରି ଭାର ଯୋଗେ ନିଜ କାନ୍ଧରେ ବୋହି ଗଚ୍ଛିତ କରି ରଖୁଥିଲେ। ପରେ କ୍ରୋମାଇଟ ରପ୍ତାନି ଟ୍ରକ୍‌ଗୁଡିକରେ ମୁଣ୍ଡରେ ଝୁଡି ମାଧ୍ୟମରେ ବୋହି ଲୋଡିଂ କରୁଥିଲେ। ସେ ସମୟରେ ଯେଉଁ ଟ୍ରକ୍ ଶ୍ରମିକଙ୍କୁ ନେଇ ପ୍ରଥମେ ଖଣିରେ ପହଞ୍ଚୁଥିଲା ଉକ୍ତ ଟ୍ରକ୍‌କୁ ପ୍ରଥମେ ଲୋଡିଂ ବ୍ୟବସ୍ଥା ରହିଥିଲା। କମ୍ପାନୀ ତରଫରୁ ଏକ ଟୁକୁନ ଦିଆଯାଉଥିଲା। ସେ ଟୁକୁନକୁ ଦେଖାଇ ଶ୍ରମିକମାନେ ଖଣି ପରିସରକୁ ପ୍ରବେଶ କରୁଥିଲେ। କିନ୍ତୁ ୧୯୯୦ ପରଠାରୁ ଶ୍ରମିକ ନେତା ମାୟାଧର ନାୟକ, କଂଗ୍ରେସର ସରତ ରାଉତ ଓ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କ ମଧ୍ୟରେ ଲଢେଇ ପରେ ୟୁନିୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସେବେଠାରୁ ହିସାବ କିତାବ ରଖୁଥିବା ଦଳପତି ଖାତାଦାର(ହିସାବରଖୀ) ଭାବେ କାର୍ଯ୍ୟ ତୁଲାଇଲେ। ୨୫ରୁ ୩୦ ଜଣ ଶ୍ରମିକଙ୍କ ପାଇଁ ଠିକାଦର ଅଧିନରେ ଜଣେ ଖାତାଦାରଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। କାଳକ୍ରମେ ଖାତାଦାରମାନେ ଏକ ର୍ନିଦଷ୍ଟ ଗୋଷ୍ଠୀକୁ ସମର୍ଥନ ଦେଇ ଶ୍ରମିକଙ୍କ ଭୋଟ ବ୍ୟାଙ୍କ ବଳରେ ନେତାଙ୍କ ପ୍ରିୟପାତ୍ର ହୋଇ ପତିଆରା ବୃଦ୍ଧି କରିବାରେ ଲାଗିଛନ୍ତି। ନିର୍ବାଚନ ସମୟରେ ଶ୍ରମିକଙ୍କୁ ଖାତାଦାରଙ୍କ କହିବା ମୁତାବକ ଭୋଟ ଦେବାକୁ ଧମକ ଦିଆଯାଉଥିବା କେତେଜଣ ଶ୍ରମିକ ନିଜର ନାମ ଗୋପନ ରଖି କହିଛନ୍ତି। ୨୦୧୪ ନିର୍ବାଚନରେ ଏହିପରି ଏକ ଘଟଣା ଦେଖିବାକୁ ମିଳିଥିଲା। ସେ ସମୟରେ କାଳିଆପଣି ଖଣିରେ ଲୋଡିଂ ଶ୍ରମିକଭାବେ କାର୍ଯ୍ୟ କରୁଥିବା ପାଖାପାଖି ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ ଟନ୍ ବାବଦ ଆସୁଥିବା ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ କରିଥିଲେ। ଏଥିସହ ନିର୍ବାଚନରେ ସ୍ୱଇଚ୍ଛାରେ ଭୋଟ ଦେଇଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ଲୋଡିଂ କାମରୁ ବାଦ୍ କରି ଦିଆଯାଇଥିଲା। ଏହାକୁ ବିରୋଧ କରି ସୁକିନ୍ଦା ବ୍ଲକ କଣ୍ଟିଚୁଆ ଗ୍ରାମର ଅନିରୁଦ୍ଧ ନାୟକ ଓ କୃଷ୍ଣଚନ୍ଦ୍ର ମହାନ୍ତଙ୍କ ସହିତ ୨୦ରୁ ଉର୍ଦ୍ଧ୍ୱ ଶ୍ରମିକ ଜିଲା ଶ୍ରମ ଅଧିକାରୀ ଓ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ କୌଣସି ସୁଫଳ ମିଳିପାରି ନାହିଁ। ବର୍ତ୍ତମାନ ପର୍ଯ୍ୟନ୍ତ ସେମାନେ ନିଯୁକ୍ତି ପାଇ ପାରି ନ ଥିବା ଜଣାପଡିଛି। ତେବେ ଶ୍ରମିକମାନେ ଶୋଷଣର ଶିକାର ହେଉଥିବାବେଳେ ଖାତାଦାର ଓ ଠିକାଦାର କିଭଳି ବହୁ ଅର୍ଥର ମାଲିକ ହେଉଛନ୍ତି। ଏହାର ଭିଜିଲାନ୍ସ କିମ୍ବା ସିବିଆଇ ତଦନ୍ତ ପାଇ ଶ୍ରମିକମାନେ ଦାବି କରିଛନ୍ତି। ଟାଟା ଷ୍ଟିଲ୍ କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ବିଷ୍ଣୁ ଦାସଙ୍କୁ ପଚାରିବାରୁ ଏ ସମ୍ପର୍କରେ ତାଙ୍କ ପାଖରେ ଖବର ନାହିଁ ବୋଲି କହିଥିଲେ ।



ଯାହାର ଘନିଷ୍ଠ ବନ୍ଧୁମାନେ ଭଲ ଲୋକ ଓ ଶତ୍ରୁମାନେ ନିଶ୍ଚୟ ଖରାପ ଲୋକ, ସିଏ ହିଁ ହେଉଛି ପ୍ରକୃତରେ ଭଲ ଲୋକ।
- ଲାଭେଟର

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ଯୁବକ ଗୁରୁତର

**ଦଶପଲ୍ଲା,୨୮।୪ (ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଡୁମାଣ୍ଡି ନିକଟରେ ରବିବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଟାକରା ଚିଲିପଥର ଗ୍ରାମର କାବୁ ଜାନି(୨୫)। ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ କାବୁ ଓ ଗମ୍ଭାରୀଖୋଲ ଗ୍ରାମର ମନୋଜ ମାଝି(୧୫) ବାଇକ୍ ଯୋଗେ କୁରୁବାରୀ ଗ୍ରାମକୁ ଭୋଜି ଖାଇବା ପାଇଁ ଯାଉଥିଲେ। ଡୁମାଣ୍ଡି ଛକର ଏକ ବୁଲାଣିରେ ବାଇକ୍‌ଟି ରାସ୍ତାପାର୍ଶ୍ୱ ବିଲକୁ ଖସି ଯାଇଥିଲା। ଉଭୟ ପଡିଯାଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର କାବୁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନୟାଗଡ଼ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି।

### ଅଙ୍ଗନୱାଡ଼ି ଗୃହ ଅଧାପନ୍ତରିଆ



**ଦଶପଲ୍ଲା,୨୮।୪ (ଡି.ଏନ.ଏ.):** ଅଙ୍ଗନୱାଡ଼ି ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିଲେ ହେଁ ତାହା ଅଧାପନ୍ତରିଆ ରହିଛି। ଫଳରେ ଦୀର୍ଘ ୫ବର୍ଷ ହେଲା କେତେବେଳେ ଯାତ୍ରୀ ବିଶ୍ରାମଗାର ତ କେତେବେଳେ ପାଚିକାଙ୍କ ବାରଣ୍ଡାରେ ଚାଲିଆସୁଛି ଅଙ୍ଗନୱାଡ଼ି। ଏଭଳି ଘଟଣା ଦେଖିବାକୁ ମିଳିଛି ଦଶପଲ୍ଲା ବ୍ଲକ କୁଲୁରୁକୁମ୍ଭା ପଞ୍ଚାୟତର ଦୁର୍ଗାପ୍ରସାଦ ଅଙ୍ଗନୱାଡ଼ି କେନ୍ଦ୍ରରେ। ଏହି ଅଙ୍ଗନୱାଡ଼ି କେନ୍ଦ୍ରଟି ଅସୁରକ୍ଷିତ ଥିବା ହେତୁ ଏହାକୁ ୨୦୧୪ ମସିହାରେ ବନ୍ଦ କରି ଦିଆଯାଇଥିଲା। ଏହା ପରେ ଛାତ୍ରାଛାତ୍ର ପାଚିକାଙ୍କ ବାରଣ୍ଡା କିମ୍ବା ଯାତ୍ରୀ ବିଶ୍ରାମ ଗୃହରେ ପାଠପଢି ଆସୁଛନ୍ତି। ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ହୋଇଥିବାବେଳେ ଏହା ଅଧାପନ୍ତରିଆ ଅବସ୍ଥାରେ ରହିଛି। ପ୍ରତି ମାସରେ ଗର୍ଭବତୀ ମହିଳାଙ୍କଠାରୁ ଆରମ୍ଭ କରି କୁନିକୁନି ପିଲାମାନଙ୍କୁ ଏହି ଯାତ୍ରୀ ବିଶ୍ରାମ ଗୃହରେ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଟିକାକରଣ କରାଯାଉଛି। ଏ ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ମହିଳା ଓ ଶିଶୁ ବିକାଶ ଅଧିକାରୀ ରୀନା ସରିତା ଲରେନ୍ସ କହନ୍ତି, ସେ କାର୍ଯ୍ୟରେ ଯୋଗ ଦେବା ପରେ ବିଭିନ୍ନ ଅଙ୍ଗନୱାଡ଼ି ବୁଲି ଦେଖୁଛନ୍ତି। ସୁପରଭାଇଜରମାନଙ୍କୁ ଏ ନେଇ ରିପୋର୍ଟ ମଗାଯାଇଛି। ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।

# ତତଲା ପବନରେ ଜନଜୀବନ ଅସ୍ତବ୍ୟସ୍ତ

**ନୟାଗଡ଼ ଅଫିସ,୨୮।୪**





ସହର ମୁଖ୍ୟରାସ୍ତା ଶୂନଶାନ ହୋଇପଡ଼ିଛି।

■୪୦ ଡିଗ୍ରୀରୁ ଖସୁନି ପାରଦ
■ବୋଝ ଉପରେ ନଳିତାବିଡ଼ା ସାଜିଛି ଅଘୋଷିତ ବିଦ୍ୟୁତ୍ କାଟ

ପାହାଡ଼ ପାଦଦେଶରେ ଥିବା ନୟାଗଡ଼ ସହରରେ ଦିନକୁ ଦିନ ତାତି ବଢ଼ିବାରେ ଲାଗୁଛି। ପ୍ରାୟ ଏକସପ୍ତାହ ପୂର୍ବରୁ ତାପମାତ୍ରା ୩୫ରୁ ୩୮ ଡିଗ୍ରୀ ମଧ୍ୟରେ ରହିଥିଲା। ହେଲେ ୩ଦିନ ହେଲା ଏହା ୪୦ ଡିଗ୍ରୀରୁ ତଳକୁ ଖସୁନାହିଁ। ରବିବାର ମୋବାଇଲ୍ ଆପ୍ ଜରିଆରେ ପାରଦ ୪୧ଡିଗ୍ରୀ ଛୁଇଁଥିବା ଜଣାପଡିଥିଲା। ଗ୍ରୀଷ୍ମତାପ ସାଙ୍ଗକୁ ତତଲା ପବନ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି।

ସକାଳ ୮ଟା ପରେ ସହରର ତାପମାତ୍ରା ଧୀରେ ଧୀରେ ବଢ଼ିବାରେ ଲାଗୁଛି। ଜରୁରୀ କାମ ନ ପଡ଼ିଲେ କେହି ଘରୁ ବାହାରକୁ ବାହାରୁନାହାନ୍ତି। ଯେଉଁମାନେ ବାହାରୁଛନ୍ତି ସେମାନେ ମୁଣ୍ଡରେ ଗାମୁଛା ଓ ଓଢ଼ଣି ଦେଉଥିବା ଦେଖିବାକୁ ମିଳୁଛି। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସହରର ବିଭିନ୍ନ ରାସ୍ତା ଓ ବଜାର ଫାଙ୍କା ରହୁଛି। କେବଳ ନୟାଗଡ଼ ସହର ନୁହେଁ, ଜିଲାର ସମସ୍ତ ସ୍ଥାନରେ ଏଭଳି ଗ୍ରୀଷ୍ମପ୍ରବାହ ଜାରି ରହିଛି। ଏପରିସ୍ଥଳେ ସହରରେ ପାନୀୟଜଳ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପୌରପରିଷଦ ପକ୍ଷରୁ ଜଳଛତ୍ର ଖୋଲାଯାଇଥିଲେ ମଧ୍ୟ ସେଠାରେ କେହି ରହୁ ନାହାନ୍ତି। ଯେଉଁମାନେ ପଦାକୁ ବାହାରୁଛନ୍ତି ସେମାନେ ଶୋଷ ମେଣ୍ଟାଇବା ପାଇଁ ଜଳଛତ୍ର ପାଖକୁ ଗଲା ବେଳକୁ ବାସି ପାଣି ଦେଖି ମୁହଁ ମୋଡୁଛନ୍ତି। ଏହି କାରଣରୁ ବିଭିନ୍ନ ଥଣ୍ଡା ପାନୀୟ ଦୋକାନରେ ଭିଡ଼ ଜମୁଛି। ବୋଝ ଉପରେ ନଳିତା ବିଡ଼ା ସଦୃଶ ଅଘୋଷିତ ବିଦ୍ୟୁତ୍ କାଟ ଜିଲାବାସୀଙ୍କୁ ଅତିଷ୍ଠ କରିଦେଉଛି। ଦିନ ହେଉ କି ରାତି ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଏପରି କି ଅନେକ ସ୍ଥାନରେ ଟ୍ରାନ୍ସଫର୍ମର ପୋଡ଼ିଯାଇଥିବା ଦେଖିବାକୁ ମିଳୁଛି। ଅସହ୍ୟ ଗରମ ଓ ଗୁଳୁଗୁଳି ଯୋଗୁ ଅଂଶୁଘାତ ପୀଡିତଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଲୋଚନା ହେଉଛି। ଅଂଶୁଘାତ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ର କହନ୍ତି, ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଂଶୁଘାତ କକ୍ଷ ଖୋଲାଯାଇଛି। ଜିଲାର ୩୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଅଂଶୁଘାତ କକ୍ଷ ଖୋଲାଯାଇଛି। ଅଂଶୁଘାତ ପୀଡିତଙ୍କ ପାଇଁ କେତେକ ସ୍ଥାନରେ କୁଲର ଓ ଆଉ କେତେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏସି ରୁମ୍‌ର ବ୍ୟବସ୍ଥା କରାଯାଇଛି। ଯେଉଁମାନେ ଅଂଶୁଘାତରେ ପୀଡ଼ିତ ହେଉଛନ୍ତି ସେମାନଙ୍କୁ ସେଠାରେ ରଖାଯାଉଛି। ବର୍ତ୍ତମାନ ସୁଦ୍ଧା କେହି ସେଭଳି ଅସୁସ୍ଥ ରୋଗୀ ଆସିନାହାନ୍ତି। ଦୁଇଦିନ ହେଲା 'ଫନୀ' ପାଇଁ ଗୁଳୁଗୁଳି ହେଉଛି। ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗ ସତର୍କ ରହିଥିବା ନେଇ ସିଡ଼ିଏମ୍‌ଓ ମହାପାତ୍ର ପ୍ରକାଶ କରିଥିଲେ।

## ଗଣିଆ ଲଙ୍କାପୋଡ଼ି ଯାତ୍ରାର ୧୦ମ ଦିବସ
# ରାବଣର ବ୍ରହ୍ମଜ୍ଞାନ ଚର୍ଚ୍ଚା ଓ ମହୀରାବଣ ବଧ

**ଗଣିଆ,୨୮।୪(ଡି.ଏନ.ଏ.)**

ଗଣିଆ ଲଙ୍କାପୋଡ଼ି ଯାତ୍ରାର ୧୦ମ ଦିବସ ରବିବାର ରାମଲୀଳା ମୁକ୍ତାକାଶ ରଙ୍ଗମଞ୍ଚରେ ରାବଣର ବ୍ରହ୍ମଜ୍ଞାନ ଚର୍ଚ୍ଚା ଓ ମହୀରାବଣ ବଧ ନାଟକ ପରିବେଷିତ ହୋଇଥିଲା । ଇନ୍ଦ୍ରଜିତର ମୃତ୍ୟୁ ପରେ ରାତିରେ ଯୁଦ୍ଧ ଶିବିରରେ ଶ୍ରୀରାମ ବିଭୀଷଣଙ୍କୁ ପଚାରିଥିଲେ ଯେ, ରାବଣ ରାଣୀ ମନ୍ଦୋଦରୀଙ୍କ ମଧ୍ୟରେ ତାଙ୍କର ପ୍ରିୟପୁତ୍ର ଇନ୍ଦ୍ରଜିତର ବଧରେ ଶୋକର ଛାୟା ଖେଳିଯାଇଥିବ। ଉତ୍ତରରେ ବିଭୀଷଣ କହିଥିଲେ, ରାବଣ ଓ ମନ୍ଦୋଦରୀ ହେଉଛନ୍ତି ବ୍ରହ୍ମଜ୍ଞାନୀ, ସେମାନଙ୍କଠାରେ ପୁତ୍ର ଶୋକ ଦେଖାଯାଏନି । ସେମାନେ ବର୍ତ୍ତମାନ ବ୍ରହ୍ମଜ୍ଞାନ ଚର୍ଚ୍ଚା କରୁଥିବେ ଯେ, ମୃତ୍ୟୁପରେ ଆତ୍ମା ଗୋଟିଏ ଶରୀରରୁ ଯାଇ ଅନ୍ୟ କେଉଁ ଶରୀରରେ ପ୍ରବେଶ କରୁଛି। ଏକଥା ଶୁଣି ଶ୍ରୀରାମ ରାବଣର ବ୍ରହ୍ମଜ୍ଞାନ ଚର୍ଚ୍ଚା ଶୁଣିବା ନିମନ୍ତେ ଲଙ୍କାପୁରକୁ ଗମନ କରିଥିଲେ। ରାଣୀ ମନ୍ଦୋଦରୀ ବ୍ରହ୍ମଜ୍ଞାନୀ ହେତୁ ପ୍ରଭୁ ଶ୍ରୀରାମଙ୍କ ଅଗମନ କଥା ଜାଣିପାରି ରାବଣକୁ କହିଥିଲେ। ଏଣୁ ରାବଣ ଓ ମନ୍ଦୋଦରୀ ପ୍ରଭୁଙ୍କ ସ୍ୱାଗତ ନିମନ୍ତେ ତତ୍ପର ହୋଇଉଠିଥିଲେ। ଶ୍ରୀରାମ ଲଙ୍କାପୁରୀରେ ପହଞ୍ଚିବା ପରେ ରାବଣ ଓ ମନ୍ଦୋଦରୀ ପ୍ରଭୁଙ୍କୁ ବନ୍ଦାପନା କରି ସ୍ୱାଗତ କରିଥିଲେ। ଶ୍ରୀରାମଙ୍କ ପଛରେ ଲକ୍ଷ୍ମଣଙ୍କୁ ବନ୍ଦାପନା କରିବା ସମୟରେ ରାଣୀ ମନ୍ଦୋଦରୀ କୁହନ୍ତି ଲଙ୍କାପୁରୀ ହେଉଛି ଅହିଂସା ପୁରୀ। ଆପଣ ମନରେ କୁଟିଳତା ନେଇ ଆସିଛନ୍ତି ଯେ ଏଠାରେ ପ୍ରଭୁ ଶ୍ରୀରାମଙ୍କର କିଛି କ୍ଷତି ଘଟିବ ବୋଲି। ମନ୍ଦୋଦରୀ ବ୍ରହ୍ମଜ୍ଞାନୀ ହେତୁ ଲକ୍ଷ୍ମଣଙ୍କ ମନକଥା ଜାଣିପାରିଥିବାରୁ ସ୍ୱତଃ ଲକ୍ଷ୍ମଣଙ୍କ ମୁଣ୍ଡ ଲାଜରେ ନଇଁଯାଇଥିଲା। ଏହାପରେ ବ୍ରହ୍ମଜ୍ଞାନ ଚର୍ଚ୍ଚା ହୋଇଥିଲା। ଏଥିରେ ରାବଣ ବ୍ରହ୍ମଶରରେ ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ମୃତ୍ୟୁବରଣ କରିବାକୁ ଅନୁରୋଧ କରିଥିଲା। ରାବଣ ପ୍ରତିଶୋଧ ପରାୟଣ ହୋଇ ପାତାଳପୁରରେ ବାସକରୁଥିବା ମହୀରାବଣକୁ ଡକାଇ ଶ୍ରୀରାମ ଲକ୍ଷ୍ମଣଙ୍କୁ ବିନାଶ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲା। ମହୀରାବଣ ଯୁଦ୍ଧ ନ କରି ଛଦ୍ମବେଶ ଧରି ଶ୍ରୀରାମ ଲକ୍ଷ୍ମଣଙ୍କୁ ପାତାଳପୁରକୁ ନେଇଯାଇ ମା' କାଳୀଙ୍କ ପାଖରେ ବଳୀ ଉଦ୍ଦେଶ୍ୟରେ ଏକ ପଥରଘର ମଧ୍ୟରେ ରଖିଥିଲା। ସେପଟେ ବାନରସେନା ଶିବିରରେ ଶ୍ରୀରାମ ଲକ୍ଷଣଙ୍କୁ ନ ଥିବା ଦେଖି ହନୁମାନ, ସୁଗ୍ରୀବ, ଅଙ୍ଗଦ, ଜାମ୍ବବାନ ଓ ବିଭୀଷଣ ପ୍ରମୁଖ ଚିନ୍ତାଗ୍ରସ୍ତ ହୋଇପଡ଼ିଲେ। ଅନୁସନ୍ଧାନ କରି ବିଭୀଷଣ ସୂଚନା ଦେଲେ ଯେ, ମହୀରାବଣ ଶ୍ରୀରାମଲକ୍ଷ୍ମଣଙ୍କୁ ନେଇ ପାତାଳପୁରରେ ରଖିଛି । ଏଣୁ ହନୁମାନ ନିଜେ ସୂକ୍ଷ୍ମରୂପ ଧାରଣ କରି ପାତାଳପୁରରେ ପ୍ରବେଶ କଲେ। ସେଠାରେ ସେ ମହୀରାବଣକୁ ବଧକରି ଶ୍ରୀରାମ ଲକ୍ଷ୍ମଣଙ୍କୁ ଧରି ବାନରସେନା ଶିବିରକୁ ଫେରିଥିଲେ।

# ଗ୍ରୀଷ୍ମ ପ୍ରବାହ ବେଳେ ପଦ ପ୍ରକ୍ଷାଳନ ଅଚଳ

**ଖଣ୍ଡପଡ଼ା,୨୮।୪(ସ୍ୱ.ପ୍ର.)**





ଅଚଳ ପଦ ପ୍ରକ୍ଷାଳନ।

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମନ୍ଦିର ପଶ୍ଚିମପାର୍ଶ୍ୱରେ ଯାତ୍ରୀମାନଙ୍କ ନିମିତ୍ତ ନିର୍ମିତ ପଦପ୍ରକ୍ଷାଳନ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି । ଫଳରେ ଗ୍ରୀଷ୍ମପ୍ରବାହ ସମୟରେ ଦୂରଦୂରାନ୍ତରରୁ ଆସୁଥିବା ଶ୍ରଦ୍ଧାଳୁ ଭକ୍ତମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ମନ୍ଦିର ସିଂହଦ୍ୱାରଠାରେ ଥିବା ପଦ ପ୍ରକ୍ଷାଳନ ପ୍ରକଳ୍ପ ଚାଲୁରହିଥିଲେ ହେଁ ସେଥିରେ ଦୁଇ ତିନୋଟି ଟ୍ୟାପ ଅଚଳ ହୋଇପଡ଼ିଛି। ତୁରନ୍ତ ଏହାକୁ ମରାମତି କରାଯିବା ପାଇଁ ସାଧାରଣରେ ଦାବି ହେଉଛି । ଅପରପକ୍ଷରେ ମନ୍ଦିର ପଶ୍ଚିମ ପାର୍ଶ୍ୱରେ ବହୁ ସଂଖ୍ୟାରେ ଯାତ୍ରୀ ଆସୁଥିବାରୁ ଗୋଡ଼ ହାତ ଧୋଇବା ଏପରିକି ପ୍ରବଳ ଗ୍ରୀଷ୍ମ ସମୟରେ ଗାମୁଛାଟିଏ ଓଦାକରି ମୁଣ୍ଡରେ ପକାଇବା ପାଇଁ ଚାହୁଁଥିଲେ ମଧ ତାହା ସମ୍ଭବ ହୋଇପାରୁ ନାହିଁ। ଏ ସମ୍ବନ୍ଧରେ କଣ୍ଟିଲୋସ୍ଥିତ ଦେବୋତ୍ତର ମ୍ୟାନେଜର ହରିହର ଦାଶଙ୍କୁ ପଚାରିବାରୁ ସେ କହିଥିଲେ, ତୁରନ୍ତ ଏହି ପ୍ରକଳ୍ପ ମରାମତି କରାଯିବ। ଆବଶ୍ୟକସ୍ଥଳେ ନୂତନ ଟ୍ୟାପ୍ ଲଗାଯିବ। ଯାତ୍ରୀମାନେ ପାଣିବିନା ଯେପରି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ ।

# ଚିକିତ୍ସା ଅଭାବରୁ ଝାଲମୁଢ଼ି ବିକ୍ରେତାଙ୍କ ମୃତ୍ୟୁ

**ନିରାକାରପୁର,୨୮।୪(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ଷ୍ଟେଶନ ପ୍ଲାଟଫର୍ମ ଉପରେ ଦୀର୍ଘ ବର୍ଷହେଲା ଝାଲମୁଢ଼ି ବିକ୍ରି କରୁଥିବା ଜଣେ କ୍ଷୁଦ୍ର ବ୍ୟବସାୟୀଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି । ମୃତକ ହେଉଛନ୍ତି ନିରାକାରପୁର ପଞ୍ଚାୟତ ପାଣ୍ଡବ ପାଟଣା ଗ୍ରାମର ମଧୁସୂଦନ ବେହେରା (୬୭)। ଗତ କିଛି ଦିନ ହେଲା ତାଙ୍କ ଖାଦ୍ୟନଳୀରେ ମାଂସ ବୃଦ୍ଧି ହେବାରୁ ସେ କିଛି ବି ଖାଇ/ପିଇ ପାରୁ ନ ଥିଲେ । ଏ ନେଇ ମଧୁସୂଦନ ଡାକ୍ତରଙ୍କୁ ଦେଖା କରିବା ପରେ ଅପରେଶନ ପାଇଁ ଲକ୍ଷାଧିକ ଟଙ୍କା ଲାଗିବ ବୋଲି ଡାକ୍ତର କହିଥିଲେ। ତେବେ ସେ ଏତେ ଅର୍ଥ ଯୋଗାଡ଼ କରି ନ ପାରିବାରୁ ତାଙ୍କର ରୋଗ ବଢ଼ିବାକୁ ଲାଗିଥିଲା। ମଧୁସୂଦନ ୪/୫ ଦିନ ହେଲା କିଛି ବି ଖାଦ୍ୟ/ପାନୀୟ ଗ୍ରହଣ କରିପାରୁ ନ ଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଗରିବ, ଅସହାୟଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ତେବେ ଚିକିତ୍ସା ଅଭାବରୁ ଗରିବଟିଏ ମୃତ୍ୟୁବରଣ କରୁଥିବାରୁ ବାସ୍ତବରେ ଏ ଯୋଜନା କାହା ପାଇଁ ଚାଲିଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

# ମା' ବାଗ୍‌ଦେବୀ କ୍ରିକେଟ୍ ଟୁର୍ନାମେଣ୍ଟ: କୁଲୁରୁକୁମ୍ଭା ଚାମ୍ପିୟନ

**ଦଶପଲ୍ଲା,୨୮।୪ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ କୁଲୁରୁକୁମ୍ଭା ପଞ୍ଚାୟତର ଗୁରାହା ସ୍କୁଲ ପଡିଆରେ ମା' ବାଗ୍‌ଦେବୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୨ ତାରିଖଠାରୁ ଅନୁଷ୍ଠିତ ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ମା' ବାଗ୍‌ଦେବୀ କ୍ରିକେଟ କ୍ଲବ କୁଲୁରୁକୁମ୍ଭା ଓ ମା' ବାଗ୍‌ଦେବୀ କ୍ରିକେଟ କ୍ଲବ ଗୁରାହା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୁଲୁରୁକୁମ୍ଭା ଦଳ ପ୍ରଥମେ ବ୍ୟାଟିଂ କରି ୧୯.୩ ଓଭରରେ ୧୦ ଉଇକେଟ ହରାଇ ୧୩୦ ରନ କରିଥିଲା। ଗୁରାହା ଟିମ୍ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୯୫ ରନ୍ କରି ମ୍ୟାଚଟି ହାରିଯାଇଥିଲା। ପୂର୍ବତନ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷ ଉପେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଓ ବ୍ଲକ ଉପାଧ୍ୟକ୍ଷ ବସନ୍ତ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ। କ୍ଲବର ଉପଦେଷ୍ଟା ପ୍ରଭାକର ମଳିକ ଓ ଗୋବିନ୍ଦ ଚନ୍ଦ୍ର ନାୟକ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଲେଖକ ପରିଷଦ ତରଫରୁ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି

**ନୟାଗଡ଼ ଅଫିସ,୨୮।୪**

ନୟାଗଡ଼ ଜିଲା ଲେଖକ ପରିଷଦ ତରଫରୁ ରବିବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ପରିଷଦର ଉପସଭାନେତ୍ରୀ ଡ. ସୁକାନ୍ତି ମହାନ୍ତିଙ୍କ ନେତୃତ୍ୱରେ ସ୍ଥାନୀୟ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅବସ୍ଥାପିତ ଥିବା କୁଳବୃଦ୍ଧ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ମଧୁବାବୁଙ୍କ ଜୀବନୀ ଉପରେ ଆଲୋଚନା କରାଯାଇଥିଲା। ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ, ସମ୍ପାଦକ ବିଭୂତି ମିଶ୍ର, ଅଶୋକ ମଲ୍ଲ, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ନାଟ୍ୟକାର ଡ. ବିଜୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ନାଗରିକ ସୁରେନ୍ଦ୍ରନାଥ ମହାପାତ୍ର, ଦିବାକର ମିଶ୍ର ପ୍ରମୁଖ ସଂଯୋଜନା କରିଥିଲେ।



ପୁଷ୍ପମାଲ୍ୟ ଅର୍ପଣ କରିବା ଅବସରରେ ଅତିଥିଗଣ।

# ମଧୁସୂଦନଙ୍କ ଜୟନ୍ତୀ ପାଳିତ

**ନିରାକାରପୁର,୨୮।୪(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ ସଖାସଂଘ ପାଠାଗାର ପରିସରରେ ଉତ୍କଳ ଗୌରବ ମଧୁସୂଦନଙ୍କ ୧୭୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ହିମାଂଶୁ ଭୂଷଣ ଚମ୍ପତିରାୟ ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ଉମେଶ ପଟ୍ଟନାୟକ, ଲଛମନ ନାୟକ, ମାନସଚନ୍ଦ୍ର ପଟ୍ଟନାୟକ, ଶ୍ୟାମସୁନ୍ଦର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ମଧୁବାବୁ ଜଣେ ସ୍ୱାଭିମାନ ମଣିଷ ଥିଲେ ବୋଲି କହିଥିଲେ।

# କାର୍ଯ୍ୟକ୍ଷମ ହୋଇପାରୁନି ପାନୀୟଜଳ ପ୍ରକଳ୍ପ

**ରଣପୁର,୨୮।୪(ସ୍ୱ.ପ୍ର.)**

**ପାଣି ପାଇଁ ୱାର୍ଡବାସୀ ହନ୍ତସନ୍ତ**

ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଲୋକମାନଙ୍କୁ ବିଶୁଦ୍ଧ ପାଣି ଯୋଗାଇ ଦେବା ନିମନ୍ତେ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଇ ପାନୀୟଜଳ ପ୍ରକଳ୍ପ ଆରମ୍ଭ ହେଉଛି । ତେବେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଏହି ପ୍ରକଳ୍ପଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇ ପାରୁ ନ ଥିବା ଅଭିଯୋଗ ହୋଇଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ୨ନଂ ୱାର୍ଡରେ । ଏହି ୱାର୍ଡରେ ୧୫ଶହରୁ ଉର୍ଦ୍ଧ୍ୱ ପରିବାର ରହୁଛନ୍ତି। ସରକାର ଏମାନଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଦେଢ ବର୍ଷ ତଳେ ହାଟସାହିଠାରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଏକ ପମ୍ପ ହାଉସ୍ ନିର୍ମାଣ କରିଥିଲେ। ତେବେ ଦୀର୍ଘ ୫ ମାସ ହେଲାଣି ଏହି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ପମ୍ପ ହାଉସ୍‌କୁ ଚାଲୁ କରାଯାଉ ନାହିଁ । ତେଣୁ ଏହାଦ୍ୱାରା ସାଧାରଣ ଲୋକେ ହିଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସମ୍ପ୍ରତି ୪୦ ରୁ ୪୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରାର ଗ୍ରୀଷ୍ମ ପ୍ରବାହ ହେଉଥିବାବେଳେ କୂଅ, ପୋଖରୀ ଶୁଖିଯାଇଛି। ୱାର୍ଡର ପ୍ରତ୍ୟେକ ଘରକୁ ପାନୀୟଜଳ ଯୋଗାଣ ପାଇଁ ୮ ମାସ ହେବ ପାଇପ୍ ସଂଯୋଗ କରାଯାଇଛି। ହେଲେ ଏଥିରୁ ପାଣି ଆସୁନାହିଁ। ତେଣୁ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିର୍ମିତ ହୋଇଥିବା ଏହି ପ୍ରକଳ୍ପଟି ପ୍ରହସନରେ ପରିଣତ ହୋଇଛି ବୋଲି ବିଭିନ୍ନ ମହଲରେ ଅଭିଯୋଗ ହେଉଛି । ପ୍ରକଳ୍ପଟି ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇ ନ ପାରିବାରୁ ଖରାଦିନେ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ସୂଚନାଯୋଗ୍ୟ, ରଣପୁରସ୍ଥିତ ୧୫ଟି ୱାର୍ଡରୁ ୧୦ଟି ୱାର୍ଡରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ଏହି ବିଷୟରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧିକାରିଣୀ ଅର୍ଚ୍ଚନା ନାୟକ କହିଛନ୍ତି, ଖୁବ୍ ଶୀଘ୍ର ଏହି ପମ୍ପ ହାଉସ୍‌କୁ ଚାଲୁ କରାଯାଇ ୱାର୍ଡବାସୀଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ।



କାର୍ଯ୍ୟକ୍ଷମ ହୋଇପାରି ନ ଥିବା ପାନୀୟ ଜଳ ପ୍ରକଳ୍ପ।

# ଶ୍ରୀ ରାଧାମୋହନ ଜୀଉ ମଠ ଅବହେଳିତ

**ଖଣ୍ଡପଡ଼ା,୨୮।୪(ସ୍ୱ.ପ୍ର.)**



ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି।





ରାଧାମୋହନ ମଠ।

■ସୀମିତ ଅର୍ଥରେ ହୋଇପାରୁନାହିଁ ଉତ୍ସବ ପାଳନ
■ମଠ ପରିଚାଳନା ପାଇଁ କମିଟି ଗଠନ ଦାବି

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋର ଶ୍ରୀ ନୀଳମାଧବ ପୀଠ। ବ୍ରହ୍ମାଦ୍ରୀ ପାହାଡ଼ ଉପରେ ଥିବା ନୀଳମାଧବ ମନ୍ଦିର ଦକ୍ଷିଣପାର୍ଶ୍ୱ ପାହାଡ଼ ତଳେ ରହିଛି ବହୁ ପ୍ରାଚୀନ ଶ୍ରୀ ରାଧାମୋହନ ଜୀଉ ମଠ । ଏହି ମଠ ସମ୍ପ୍ରତି ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି ।

ରାଧାମୋହନ ଜୀଉ ମଠରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ପୂଜା ପାଉଛନ୍ତି। ଏହାର ପରିଚାଳନା ଦାୟିତ୍ୱ ଖଣ୍ଡପଡା ଦେବୋତ୍ତର ବିଭାଗ ଉପରେ ନ୍ୟସ୍ତ ରହିଛି । ତେବେ ବିଭାଗୀୟ ଉଦାସୀନତା ଯୋଗୁ ଠାକୁରଙ୍କ ନୀତିରେ ସେମିତି କିଛି ଆଖିଦୃଶିଆ କାର୍ଯ୍ୟ ହୋଇପାରୁ ନାହିଁ । ଏହି ମଠ ପରିଚାଳନା ତଥା ଠାକୁରଙ୍କ ଦୈନନ୍ଦିନ ନୀତି ପାଇଁ ବିଭାଗ ପକ୍ଷରୁ ମାସକୁ ମାତ୍ର ୪୨କିଲୋ ଚାଉଳ ଓ ୨ହଜାର ଟଙ୍କା ପ୍ରଦାନ କରାଯାଉଥିବା ଦେବୋତ୍ତର ମ୍ୟାନେଜର ହରିହର ଦାଶ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ରେକର୍ଡ ଅନୁସାରେ ନୟାଗଡ଼ ଜିଲା ହରିପୁର ମୌଜା ଗଣ୍ଡିବେଡରେ ଶ୍ରୀ ଜୀଉଙ୍କ ନାମରେ ୫.୧ ଏକର ଘରଡିହ, ଖଣ୍ଡପଡା ତହସିଲ ଅନ୍ତର୍ଗତ ବାଦିଲ ଗ୍ରାମରେ ୨.୫୦ଏକର, ବାଗେଡିଆଠାରେ ୨.୫୦ଏକର, ସାନସହରାଠାରେ ୫ ଏକର ଜମି ଓ ସିଧାମୂଳାଠାରେ ଏକ ଘରଡିହ ରହିଛି । କିନ୍ତୁ ଏହିସବୁ ସମ୍ପତ୍ତି ଏବେ ଲୋକଙ୍କ ଦଖଲରେ ରହିଥିବା ଜଣାପଡିଛି । ଏହା ଦେବୋତ୍ତର ବିଭାଗ ରେକର୍ଡରେ ଅଛି କି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ଅନୁସନ୍ଧାନ କରାଯାଇ ମଠ ପରିଚାଳନା ଦିଗରେ ବିନିଯୋଗ ହେବା ଜରୁରୀ ବୋଲି ସାଧାରଣରେ ମତପ୍ରକାଶ ପାଉଛି। ରାଧାମୋହନ ଜୀଉ ମଠ ଓ ଏହାର ଚାରିପାଖରେ ଥିବା ଗୃହଗୁଡିକ ଛାତରୁ ବର୍ଷାଦିନେ ପାଣି ଲିକ୍ କରି ସମସ୍ୟା ସୃଷ୍ଟି କରୁଛି । ମନ୍ଦିରର କିଛି ଅଂଶ ଦୁର୍ବଳ ହେବାରେ ଲାଗିଛି। ମଠ ପ୍ରାଚୀର ଭାଙ୍ଗିରୁଜି ଯାଇଥିବାବେଳେ ଏହାର ପୁନରୁଦ୍ଧାର ପାଇଁ କେହି ନଜର ଦେଉନାହାନ୍ତି। ଏହି ମଠର ଦାୟିତ୍ୱ ତୁଲାଉଥିବା ପୂଜକ ପଦ୍ମନାଭ ଦାଶଙ୍କ ଦେହାନ୍ତ ପରେ ପୂଜକ ବ୍ରଜବନ୍ଧୁ ମିଶ୍ର ପୂଜାନୀତି ସମ୍ପନ୍ନ କରୁଛନ୍ତି । ତେବେ ପରିଚାଳନାରେ ବହୁ ସମସ୍ୟା ଥିବାରୁ ପୂଜା ନୀତିରେ ସମୟେ ସମୟେ ଅସୁବିଧା ଦେଖାଦେଉଛି । ଖଣ୍ଡପଡ଼ା ଦେବୋତ୍ତର ବିଭାଗ ଦେଉଥିବା ସୀମିତ ଅର୍ଥରେ ମନ୍ଦିରରେ ପାଳିତ ହେଉଥିବା ପାରମ୍ପରିକ ଜନ୍ମାଷ୍ଟମୀ, ନନ୍ଦ ଉତ୍ସବ, କାର୍ତ୍ତିକ ବ୍ରତ, ରାସ ପଞ୍ଚକ, ଗୋବର୍ଦ୍ଧନ ପୂଜା ଆଦି ଠିକ୍ ଭାବେ ସମାପନ ହୋଇପାରୁ ନାହିଁ । ଏହି ପୁରାତନ ମଠର ସୁରକ୍ଷା ତଥା ଏହାର ପରିଚାଳନା ଲାଗି ଏକ ପରିଚାଳନା କମିଟି ଗଠନ କରିବାକୁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ, ଦେବୋତ୍ତର କମିଶନର ଓ ଆଇନ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି । ମଠର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗକୁ ଅବଗତ କରାଯାଇଥିବା ଖଣ୍ଡପଡ଼ା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।



ଯାହା ହୁଏତ କେବେ ଘଟିବ ନାହିଁ, ତାହା ପାଇଁ ଉଦ୍‌ବେଗ ଭିତରେ ରହିବା ଦ୍ୱାରା ବହୁ ଶକ୍ତିର ଅପଚୟ ହୋଇଥାଏ ।
- ଫ୍ରାଙ୍କ୍‌ଲିନ



## ସଂକ୍ଷେପରେ

### ନିର୍ବାଚନ ଟାଣିଦେଲା ପରିବାରରେ ଲକ୍ଷ୍ମଣରେଖା

ପୁରୀ ଅଫିସ, ୨୮।୪ : ଭାରତ ଏକ ଗଣତନ୍ତ୍ର ରାଷ୍ଟ୍ର। ନିର୍ବାଚନ ହେଉଛି ଏହାର ଏକ ପ୍ରମୁଖ ଅଙ୍ଗ। ପ୍ରତି ୫ବର୍ଷକୁ ଥରେ ଲୋକସଭା ଓ ବିଧାନସଭା ସଦସ୍ୟ ମାନେ ମନୋନୀତି ହୋଇଥାନ୍ତି। ପୂର୍ବେ ନିର୍ବାଚନ ସ୍ୱଚ୍ଛ ଏବଂ ନିରପେକ୍ଷ ରହିଥିଲା। ଏବେ ନିର୍ବାଚନ ଦିନକୁ ଦିନ ବ୍ୟୟ ବହୁଳ, ବିଶୃଙ୍ଖଳା ଆଚରଣ, ହିଂସାକାଣ୍ଡ ବୃଦ୍ଧି ପାଇଛି। ନିର୍ବାଚନର ବୈତରଣୀ ପାର ହେବା ଲାଗି ଏଠି ଭୋଟ କିଣାବିକା ହେଉଛି। ଭୋଟରଙ୍କୁ ପ୍ରଲୋଭିତ ଲାଗି ମନଲୋଭନୀୟ ପ୍ରତିଶୃତି ଦେଇଥାନ୍ତି। ନିର୍ବାଚନ ଆସିଲେ, ଗ୍ରାମଗହଳିରେ ନେଇ ଚର୍ଚ୍ଚା ଯୋର ଧରିଥାଏ। ରାଜନୈତିକ ଦଳ ହିସାବରେ ପ୍ରାର୍ଥୀଙ୍କୁ ସମର୍ଥନ କରିଥାନ୍ତି। ଅନେକ ସ୍ଥାନୀୟ ଦଳୀୟ ପ୍ରାର୍ଥୀଙ୍କ ସମର୍ଥକଙ୍କ ଗୋଷ୍ଠି ମଧରେ ସଂଘର୍ଷ ମଧ ଘଟିଥାଏ। ନିର୍ବାଚନର ବିଷୟବସ୍ତୁକୁ ନେଇ ରବିବାର ପୁରୀ ଆର୍ଟିଷ୍ଟ ଆସୋସିଏଶନ ମାସିକ ନାଟକ ମହୋତ୍ସବ ଅବସରରେ ରବିବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପରିବେଷିତ ହୋଇଥିଲା ନାଟକ ଭୋଟ ତାମସା। ଅଜୟ ମହାପାତ୍ରଙ୍କ ରଚିତ ଏହି ନାଟକକୁ ଆର୍ତ୍ତତ୍ରାଣ ଶତପଥୀ ନାଟ୍ୟ ରୁପାନ୍ତର କରିଛନ୍ତି। ନିର୍ବାଚନକୁ କେନ୍ଦ୍ର କରି କିପରି ଗୋଟିଏ ପରିବାର ଛାରଖାର ହୋଇଯାଇଛି ତାହାକୁ ନାଟ୍ୟ ନିର୍ଦ୍ଦେଶକ ରବି ତ୍ରିପାଠୀ ଅତି ଚମତ୍କୃତ ଭାବେ ପରିବେଷଣ କରିଥିଲେ। ସଙ୍ଗୀତରେ ବିଜୟ ଦାଶ, ମଞ୍ଚ ସାଜସଜ୍ଜାରେ ଶରତ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ରାଜନୈତିକ ଶତ୍ରୁତାକୁ ନେଇ ମାରପିଟ : ୩ ଆହତ

**ଖୋର୍ଦ୍ଧା ଅଫିସ,୨୮।୪:** ବାଣପୁର ଥାନା ଗାଲୁଆ ଗାଁରେ ରାଜନୈତିକ ଶତ୍ରୁତାକୁ ନେଇ ଦୁଇ ପରିବାର ମଧରେ ରବିବାର ମାରପିଟ ହୋଇଛି। ଏଥିରେ ଜଣେ ମହିଳାଙ୍କ ସମେତ ଦୁଇଜଣ ଆହତ ହୋଇଛନ୍ତି। ପୋଲିସ ଦୁଇଟି ମକଦ୍ଦମା ରୁଜୁ କରି ଉଭୟପକ୍ଷର ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ଯୋଗୁ ୩ ଅଭିଯୁକ୍ତ ବାଣପୁର ସବ୍ ଜେଲକୁ ପଠାଇ ଦିଆଯାଇଛି। ଗ୍ରାମରେ ଉତ୍ତେଜନା ଲାଗି ରହିଛି। ଦୁଇ ପରିବାର ଦୁଇଟି ଭିନ୍ନ ଭିନ୍ନ ରାଜନୈତିକ ଦଳକୁ ସମର୍ଥନ କରି ମାରପିଟ୍ ହୋଇଥିବା ଜଣାପଡିଛି। ଶନିବାର ରାତ୍ରିରେ ସ୍ଥାନୀୟ ୱାର୍ଡମେମ୍ବର ଶଙ୍କର ପ୍ରଧାନଙ୍କ ସ୍ତ୍ରୀ ଇନ୍ଦୁମତୀ ନିଜ ଘର ସାମନାରେ ଥିବା ଏକ ମଣ୍ଡପକୁ ଧୋଉଥିଲେ। ଗ୍ରାମର ବେଣୁଧର ପ୍ରଧାନ ଓ ତାଙ୍କ ପୁଅ ହେମନ୍ତ ସେଠାରେ ପହଞ୍ଚି ଇନ୍ଦୁମତୀଙ୍କୁ ଅଶ୍ଳୀଳ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏହାର ପ୍ରତିବାଦ କରିବାରୁ ବାପପୁଅ ଇନ୍ଦୁମତୀଙ୍କୁ ଗାଳିଗୁଲଜ କରିବା ସହ ମାରଧର କରିଥିଲେ। ଏଥିରେ ଇନ୍ଦୁମତୀ ଆହତ ହୋଇଥିଲେ। ଅନ୍ୟପକ୍ଷରେ ବେଣୁଧରଙ୍କୁ ଶଙ୍କର ପ୍ରଧାନଙ୍କ ପୁଅ ଶିବ ଏକ କଟୁରିରେ ଆକ୍ରମଣ କରିବାରୁ ସେ ଅନୁରୂପ ଭାବେ ଆହତ ହୋଇଛନ୍ତି। ପୋଲିସ ଉଭୟପକ୍ଷଙ୍କ ଅଭିଯୋଗକ୍ରମେ ନଂ. ୧୧୮/୧୯, ୧୧୯/୧୯ରେ ଦୁଇଟି ମାମଲା ରୁଜୁ କରିଛି। ପ୍ରଥମପକ୍ଷରେ ବାପ ବେଣୁଧର ଓ ପୁଅ ହେମନ୍ତ ଓ ଦ୍ୱିତୀୟ ପକ୍ଷର ଶିବଙ୍କୁ ଗିରଫ କରିଛି।

## କାକଟପୁର, ନିମାପଡ଼ା ନିର୍ବାଚନମଣ୍ଡଳୀରେ ଆଜି ମତଦାନ

# ୪,୮୨,୮୧୯ ଭୋଟର ବାଛିବେ ୨୨ ପ୍ରାର୍ଥୀଙ୍କ ଭାଗ୍ୟ

**ପୁରୀ ଅଫିସ, ୨୮।୪**

- ୬୦ ବୁଥ୍‌ରେ ଦେବେ ଭୋଟ
- ସବୁ ମତଦାନ କେନ୍ଦ୍ରରେ କଡ଼ା ସୁରକ୍ଷା

ରାଜ୍ୟରେ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ସୋମବାର ଅନୁଷ୍ଠିତ ହେବ। ଗଣତନ୍ତ୍ରର ଏହି ମହାନ୍ ପର୍ବରେ ସାମିଲ ହୋଇ ନିଜ ମତାଧିକାର ସାବ୍ୟସ୍ତ କରିବେ ପୁରୀ ଜିଲାର କାକଟପୁର ଓ ନିମାପଡ଼ା ନିର୍ବାଚନମଣ୍ଡଳୀର ଭୋଟର। ଜଗତ୍‌ସିଂହପୁର ଲୋକ ସଭା ଅଧୀନରେ ରହିଥିବା ଏହି ଦୁଇ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ପୁରୀ ଜିଲା ପ୍ରଶାସନ ସମସ୍ତ ପ୍ରସ୍ତୁତି ଶେଷ କରିଛି। ସବୁ ମତଦାନ କେନ୍ଦ୍ରରେ ଶନିବାର ପୋଲିଂ ପାର୍ଟି ପହଞ୍ଚି ଯାଇଛନ୍ତି। ସୋମବାର ଏହି ଦୁଇ ନିର୍ବାଚନମଣ୍ଡଳୀର ୪,୮୨,୮୧୯ ଭୋଟର ୨୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ। ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଲୋକ ସଭା ଆସନରେ ୯ ଏବଂ ନିମାପଡ଼ା ଓ କାକଟପୁର ବିଧାନସଭା ଆସନ ଲାଗି ଯଥାକ୍ରମେ ୬ ଏବଂ ୭ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି ।

କାକଟପୁର ନିର୍ବାଚନମଣ୍ଡଳୀରେ ୨,୪୨,୧୮୫ ଏବଂ ନିମାପଡ଼ା ନିର୍ବାଚନମଣ୍ଡଳୀରେ ୨,୪୦,୬୨୪ ଏହିପରି ମୋଟ୍ ୪,୮୨,୮୧୯ ଭୋଟର ଅଛନ୍ତି। ଏହି ନିର୍ବାଚନମଣ୍ଡଳୀଦ୍ୱୟରେ ୨୮୦ଟି ଲେଖାଏ କରି ମୋଟ ୫୬୦ ବୁଥ୍ ରହିଛି। ପ୍ରତ୍ୟେକ ବୁଥ୍‌ରେ ୫ ଜଣ ଲେଖାଏ ମୋଟ ୨,୮୦୦ ପୋଲିଂ ଅଧିକାରୀ ଓ ଜଣେ ଲେଖାଏ ହିସାବରେ ମୋଟ ୫୬୦ ପ୍ରିଜାଇଡିଂ ଅଫିସର ଏହିପରି ମୋଟ ୩,୩୬୦ ଅଧିକାରୀଙ୍କୁ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ୫୬୦ ବୁଥ୍ ମଧ୍ୟରୁ ୫୦ଟି ବୁଥ୍ (କାକଟପୁର ୩୧ ଓ ନିମାପଡ଼ା ୧୯)କୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି। ଏହି ବୁଥ୍‌ଗୁଡ଼ିକ ଲାଗି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡି କରାଯାଇଛି। ଏଠାରେ ସଶସ୍ତ୍ର ବିଏସ୍‌ଏଫ୍ ଯବାନ ମୁତୟନ ହେବେ। କୌଣସି ପରିସ୍ଥିତିରେ ଇଭିଏମ୍ ଖରାପ ହେଲେ ବା ମେଶିନରେ କୌଣସି ପ୍ରକାର ତ୍ରୁଟି ଦେଖାଦେଲେ ତାହାକୁ ତୁରନ୍ତ ମରାମତି କରିବା ଏବଂ ଆବଶ୍ୟକ ପଡ଼ିଲେ ବଦଳାଇବାକୁ ଦ୍ୱରିତ୍ୱ ବ୍ୟବସ୍ଥା କରାଯାଇଛି। ସେହିପରି ୮/୧୦ଟି ବୁଥ୍‌କୁ ନେଇ ଗୋଟିଏ ସେକ୍ଟର କରାଯାଇଛି। ଏଠାରେ ଜଣେ ଲେଖାଏ ସେକ୍ଟର ଅଫିସର ଅଛନ୍ତି। କୌଣସି ସମସ୍ୟା ହେଲେ ଘଟଣାସ୍ଥଳରେ ତାହାର ସମାଧାନ ପାଇଁ ସେକ୍ଟର ଅଫିସରଙ୍କୁ ତାଲିମ ଦିଆଯାଇଛି। ଇଭିଏମ୍ ପରିବର୍ତ୍ତନ ନେଇ ଯଦି ପ୍ରିଜାଇଡିଂ ଅଫିସର ଭାବନ୍ତି ତେବେ ସେକ୍ଟର ଅଫିସରଙ୍କଠାରୁ ଏଥିପାଇଁ ଅନୁମତି ନେବେ। ସେହିପରି ଆବଶ୍ୟକ ଇଭିଏମ୍‌ଠାରୁ ୧୦ ପ୍ରତିଶତ ମେଶିନ କମିଶନିଂ ପରେ ପ୍ରସ୍ତୁତ କରି ରଖାଯାଇଛି। ମତଦାନ ବ୍ୟବସ୍ଥାକୁ ନିରପେକ୍ଷ ଏବଂ ଶାନ୍ତିପୂର୍ଣ୍ଣ କରିବା ଲାଗି ବିଭିନ୍ନ ବୁଥ୍‌ରୁ ୱେବ୍‌କାଷ୍ଟ ଏବଂ ସିସିଟିଭି ବ୍ୟବସ୍ଥା କରାଯାଇଛି। ୱେବ୍‌କାଷ୍ଟ ଜରିଆରେ ଯେକୌଣସି ସ୍ଥାନରୁ ଜିଲାପାଳ ତଥା ଅନ୍ୟାନ୍ୟ ସ୍ୱୀକୃତିପ୍ରାପ୍ତ ଅଧିକାରୀ ସମ୍ପୃକ୍ତ ବୁଥ୍‌ଗୁଡ଼ିକର ତାଜା ସ୍ଥିତି ଦେଖିପାରିବେ। ସିସିଟିଭି ଦ୍ୱାରା ଏହିସବୁ ସ୍ଥାନର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇପାରିବ।

ଉକ୍ତ ଦୁଇ ନିର୍ବାଚନମଣ୍ଡଳୀରେ ୨ କମ୍ପାନୀ ବିଏସ୍‌ଏଫ୍ ଯବାନ ନିୟୋଜିତ ହୋଇଛନ୍ତି। ଏହାଛଡ଼ା ୩୮ଟି ମୋବାଇଲ ପୋଲିସ ଭ୍ୟାନ୍ ବୁଲିବ। ଏଥିରେ ସଶସ୍ତ୍ର ପୋଲିସ ଫୋର୍ସ ଘଣ୍ଟାକୁ ଘଣ୍ଟା ପ୍ରତି କେନ୍ଦ୍ରରେ ପହଞ୍ଚି ସ୍ଥିତି ପରଖିବେ। କୌଣସି ଜାଗାରୁ ଉତ୍ତେଜନା ଖବର ଆସିବେ ମାତ୍ରେ ତୁରନ୍ତ ସେଠାରେ ଫୋର୍ସ ପହଞ୍ଚିବାର ବ୍ୟବସ୍ଥା ହୋଇଛି। ଏତଦ୍‌ବ୍ୟତୀତ ୬ଟି ସଶସ୍ତ୍ର ସିଆର୍‌ପିଏଫ୍ ମୋବାଇଲ ପାଟ୍ରୋଲିଂ ଟିମ୍ ମଧ ରହିବେ। ୯ ଇନ୍ସପେକ୍ଟର, ୨ ଡିଏସ୍‌ପି, ୨ ଆଡିଶନାଲ ଡିଏସ୍‌ପି ଏହି ବ୍ୟବସ୍ଥାର ତଦାରଖ କରିବେ। ଏସ୍‌ପି ଏବଂ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏଭଳି ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ପୁରୀ ବାର୍‌ରେ ମଧୁବାବୁଙ୍କ ଜୟନ୍ତୀ ସମାରୋହ

# ଅହଂକାର ଛାଡ଼ି ଜ୍ଞାନର ପରିସୀମା ବୃଦ୍ଧି କର: ରାଜ୍ୟପାଳ

**ପୁରୀ ଅଫିସ, ୨୮।୪**

ବିବିଧତା ମଧରେ ଏକତା ହେଉଛି ଭାରତର ପରିଚୟ। ଅହଂକାରକୁ ତ୍ୟାଗ କର। କଠିନ ପରିଶ୍ରମ କରି ଜ୍ଞାନର ପରିସୀମାକୁ ବୃଦ୍ଧି କର। ନିଷ୍ଠା ଓ ଏକାଗ୍ରତାର ସହ କାର୍ଯ୍ୟ କର। ଧୈର୍ଯ୍ୟ ଓ ନିଷ୍ଠାର ପ୍ରକୃତ ପ୍ରତିଫଳନ ମଧୁବାବୁଙ୍କଠାରେ ଦେଖିବାକୁ ମିଳେ। ମାନବର ଦୁଃଖ, ବେଦନା, ଓଡ଼ିଶାର ଗରିମାମୟ ଇତିହାସକୁ ସେ ଭଲଭାବେ ବୁଝିଥିଲେ। ସୁପ୍ତ ଓଡ଼ିଆଙ୍କୁ ଜାଗ୍ରତ କରିବା ଲାଗି ସେ 'ଉଠରେ ଉଠରେ ଉତ୍କଳ ସନ୍ତାନ ...... ପୂରୁବ ଗୌରବ ପୂରୁବ ମହିମା ପଡୁନାହିଁକିରେ ତୋର ମନେ' ଉକ୍ତିକୁ ପ୍ରତ୍ୟେକ ଓଡ଼ିଆଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରିଥିଲେ। ଓଡ଼ିଆ ଜାତି ଲାଗି ମଧୁବାବୁଙ୍କ ଅବଦାନ ଅତୁଳନୀୟ ବୋଲି ପୁରୀ ବାର୍ ଆସୋସିଏଶନ ଆନୁକୂଲ୍ୟରେ ବାର୍ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୧ତମ ଜୟନ୍ତୀ ସମାରୋହକୁ ଉଦ୍‌ଘାଟନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଲୋକାୟୁକ୍ତ ନ୍ୟାୟମୂର୍ତ୍ତି ବିଜୟ କୁମାର ନାୟକ କହିଲେ ଯେ, ମଧୁବାବୁ ଜଣେ ଆଜନ୍ମ ଦେଶଭକ୍ତ ଥିଲେ। ଓଡ଼ିଶାର ପୁରପଲ୍ଲୀର ଘରେ ଘରେ ସେ ଏକ ଅତି ପରିଚିତ



ସମାରୋହରେ ଉଦ୍‌ବୋଧନ ଦେଉଛନ୍ତି ରାଜ୍ୟପାଳ।

ନାମ। ତାଙ୍କୁ ବାଦ୍ ଦିଆଯାଇ ଓଡ଼ିଶା କଥା ଚିନ୍ତା କରାଯାଇପାରିବ ନାହିଁ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ପୂର୍ବତନ ନ୍ୟାୟାଧୀଶ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀ କହିଲେ ଯେ, ସ୍ୱତନ୍ତ୍ର ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣି ମଧୁବାବୁ ବାଳିକା ଶିକ୍ଷା ଓ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରୁଥିଲେ। ମହାତ୍ମାଗାନ୍ଧୀ ମଧ ତାଙ୍କ ବିଚାରକୁ ସମ୍ମାନ ଦେଉଥିଲେ। ସେ କହିଲେ ଯେ, ମଧୁବାବୁ ଜଣେ ଉତ୍ତମ ଆଇନଜୀବୀ ଥିଲେ। ଯୁବ ଆଇନଜୀବୀମାନେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଏହା ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଜଣେ ସଚ୍ଚୋଟ, ଉତ୍ତମ ଆଇନଜୀବୀ ହେବାକୁ ହେଲେ ମଧୁବାବୁଙ୍କୁ ଅନୁସରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ପୁରୀ ଜିଲା ଦୌରାଜଜ୍ ବିଦ୍ୟୁତ୍ କୁମାର ମିଶ୍ର ମଧୁବାବୁଙ୍କ ସମ୍ପର୍କରେ ଆଲୋକପାତ କରି କହିଲେ ଯେ, ଓଡ଼ିଶାର କଳା, ସଂସ୍କୃତି, ଭାସ୍କର୍ଯ୍ୟ,ଐତିହାସିକ କୀର୍ତ୍ତିରାଜିର ବିକାଶ ଲାଗି ସେ ସର୍ବଦା ଚିନ୍ତିତ ଥିଲେ। ପୁରୀ ବାର୍ ସଭାପତି ପ୍ରଶାନ୍ତ କମାର ମିଶ୍ର ଏଥିରେ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ବିଭୂତି ଶଙ୍କର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ସମାରୋହରେ ପୁରୀ ବାର୍‌ର ସମସ୍ତ ଆଇନଜୀବୀ, ବିଚାର ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆସୋସିଏଶନ୍ ତରଫରୁ ବରିଷ୍ଠ ଆଇନଜୀବୀମାନଙ୍କୁ ସମ୍ମାନିତ କରାଯାଇଥିଲା।

### ମଧୁସୂଦନଙ୍କ ଜୟନ୍ତୀ : ସ୍ୱାଭିମାନ ଦିବସ ପାଳିତ

**ଟାଙ୍ଗୀ(ଖୋର୍ଦ୍ଧା),୨୮।୪(ଡି.ଏନ.ଏ.)**

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଟାଙ୍ଗୀ ଗ୍ରାମ ନ୍ୟାୟାଳୟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ଓକିଲ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ନ୍ୟାୟାଧୀଶ ରଶ୍ମିତା ସାହୁଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଓ ଆଇନଜୀବୀ ସ୍ୱର୍ଗତ ମଧୁସୂଦନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ସଭାପତି ନକୁଳ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଂଘ ସମ୍ପାଦକ ସ୍ୱସ୍ତିକ ରଥ, ଏପିପି ସୁଶ୍ରୀ ଇନ୍ଦ୍ରା ସିଂହ, ସରକାରୀ ଓକିଲ ନିରଞ୍ଜନ ଦାସ, ପ୍ରତାପ କୁମାର ମହାପାତ୍ର, ହରେକୃଷ୍ଣ ଜଗଦେବ, ପୀତବାସ ନାୟକ, ହେମନ୍ତ କୁମାର ବେହେରା, ସୁରେନ୍ଦ୍ର କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଓ ଆମ ଓଡିଶା ଆନୁକୂଲ୍ୟରେ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧକ୍ଷତାରେ ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି । ଏଥିରେ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ସରୋଜ କୁମାର ପାଇକରାୟ, ଅଶ୍ୱିନୀ କୁମାର ମହାନ୍ତି, ରାକେଶ କୁମାର ମହାନ୍ତି, ଅନନ୍ତ ପ୍ରଧାନ, ମାନସ କୁମାର ବଳିଆରସିଂହ, ଜୟନ୍ତ କୁମାର ସୁବୁଦ୍ଧି ପ୍ରମୁଖ ଯୋଗଦେଇଥିଲେ । ଟାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ ଅମର ସ୍ମୃତି ପରିଷଦର ସଭାପତି ଅଧ୍ୟାପକ ସୁଶୀଲ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଛାତ୍ରାଛାତ୍ରୀଙ୍କୁନେଇଏକଆଲୋଚନାଚକ୍ର ମଧ ଅନୁଷ୍ଠିତ ହୋଇଯାଇଛି ।

# ତ୍ୟାଗ, ନିଷ୍ଠାର ପ୍ରତୀକ ଥିଲେ ମଧୁବାବୁ




ଜୟନ୍ତୀ ଉତ୍ସବରେ ଅତିଥିମାନେ।

**ପୁରୀ ଅଫିସ, ୨୮।୪**

ପୁରୀ ସେବା ସମିତି ଆନୁକୂଲ୍ୟରେ ମଧୁସୂଦନ ଦାସଙ୍କ ୧୭୧ତମ ଜୟନ୍ତୀ ଉତ୍ସବ ମରିଚିକୋଟ ସ୍ଥିତ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ବିମଳ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଡ.ଏନ୍.ସି ଦାଶ ମୁଖ୍ୟଅତିଥି ଏବଂ ପୂର୍ବତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମଧୁବାବୁ ତ୍ୟାଗ, ନିଷ୍ଠାର ପ୍ରତୀକ ଥିଲେ ବୋଲି କହିଥିଲେ। ଉପସଭାପତି କୈଳାସ ଚନ୍ଦ୍ର ରାୟ ଉପସ୍ଥିତ ଥିଲେ। ସମ୍ପାଦକ ଇପସିତ୍ ପ୍ରତିହାରୀ ସ୍ୱାଗତ ଭାଷଣ ଓ ସହ ସମ୍ପାଦକ ସୌମେନ୍ଦ୍ର ଦାସ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ସମିତି ପକ୍ଷରୁ ତ୍ରୀ ଦିବସୀୟ ପ୍ରାଥମିକ ଚିକିତ୍ସା ଶିବିର ଆରମ୍ଭ ହୋଇଛି। ଏହା ଆସନ୍ତା ଏପ୍ରିଲ ୩୦ତାରିଖରେ ସମାପ୍ତ ହେବ।

# ନିଷ୍ଠାର ସହ ଅଧ୍ୟୟନ କର

**ପୁରୀ ଅଫିସ, ୨୮।୪**

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ବିଶ୍ୱନାଥ କବିରାଜ ଛାତ୍ରାବାସ ପକ୍ଷରୁ ରବିବାର ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରାବାସରେ ରହୁଥିବା ଶେଷବର୍ଷ ଅନ୍ତେବାସୀଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ଛାତ୍ରାବାସ ପରିସରରେ ଆୟୋଜିତ ଏକ ଚର୍ଚ୍ଚାସତ୍ରରେ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର ହରିହର ହୋତା ସଭାପତିତ୍ୱ କରିଥିଲେ। ପୂର୍ବତନ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଯେ, ଛାତ୍ର ଜୀବନ ଏକ ସଂଘର୍ଷମୟ ଜୀବନ। ନିଷ୍ଠା ଓ ଏକାଗ୍ରତାର ସହିତ ବିଦ୍ୟାଧ୍ୟନ କର। ସମୟକୁ ଅପଚୟ ନ କରି, ଗଠନମୂଳକ ଚିନ୍ତାଧାରା ନେଇ ଆଗକୁ ବଢିବାକୁ ସେ ଆଗ୍ରହ କରିଥିଲେ। ପ୍ରଫେସର କମଳେଶ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, କୌଣସି କ୍ଷେତ୍ରରେ ଉତ୍କ୍ରଷତା ଲାଭ କରିବାକୁ ହେଲେ ଶିକ୍ଷାଗତ ଯୋଗ୍ୟତା ହାସଲ କରିବାକୁ ପଡିଥାଏ। ଶିକ୍ଷା ହିଁ ପ୍ରଗତିର ମାପକାଠି ବୋଲି ସେ କହିଥିଲେ। ପ୍ରଫେସର ପ୍ରଳୟ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରାବାସ ତତ୍ତ୍ୱବଧାରକ ଡ.ବସନ୍ତ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ସଭା ପରିଚାଳନା କରିଥିଲେ। ଛାତ୍ର ସୋମେଶ୍ୱର ଶତପଥୀ, ସାଗର କର, ମଳୟ କୁମାର ପଣ୍ଡା, ଅକ୍ଷୟ କୁମାର ରଥ, ଅକ୍ଷୟ କୁମାର ପଣ୍ଡା, ଜ୍ୟୋତିରାମ ବଳ, ସୁମନ ପଣ୍ଡା, ଦୟାସାଗର ପଣ୍ଡା, ବିରୁପାକ୍ଷ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

# ଆମ୍ବ ତୋଳିବା ବିପଦ ପାଲଟିଲା

## ମହୁମାଛି ଆକ୍ରମଣରେ ୬ ଆହତ

**ବୋଲଗଡ଼,୨୮।୪(ଡି.ଏନ.ଏ.)**

ଆମ୍ବ ତୋଳିବା କେତେଜଣଙ୍କ ପାଇଁ ବିପଦର କାରଣ ପାଲଟିଛି। ରବିବାର ଗଛରୁ ଆମ୍ବ ତୋଳିବା ସମୟରେ ମହୁମାଛି ଆକ୍ରମଣରେ ବୋଲଗଡ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ବାରବାଟି ଗ୍ରାମର ୬ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅବସ୍ଥାରେ ବାଙ୍କୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି । ଗୁରୁତର ଜଣକ ହେଉଛନ୍ତି ବାରବାଟି ଗ୍ରାମର ଦେବରାଜ ମାଝି (୪୯)। ଘଟଣାରୁ ପ୍ରକାଶ, ଏହି ଗ୍ରାମ ନିକଟସ୍ଥ ଏକ ଆମ୍ବ ଗଛରେ ଚଢ଼ି ଦେବରାଜ ଆମ୍ବ ତୋଳିବା ସମୟରେ ଗଛରେ ଥିବା ବାଘୁଆ ମହୁମାଛି ଆକ୍ରମଣରେ ସେ ଗୁରୁତର ହୋଇଥିଲେ। ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ମଧ ମହୁମାଛି ଆକ୍ରମଣ କରିଥିଲା । ଗ୍ରାମର ଲୋଚନ ପ୍ରଧାନ (୬୫), ନବକିଶୋର ମାଝି (୫୫) ଏବଂ ଭରତ ପ୍ରଧାନ (୮୧) ମଧ ମହୁମାଛି ଆକ୍ରମଣର ଶିକାର ହୋଇଥିଲେ।



ଗୁରୁତର ହୋଇଥିବା ଦେବରାଜ।

# ଜନବସତି ଅଞ୍ଚଳରେ ବେଆଇନ ଇଟାଭାଟି

**ବାଲୁଗାଁ,୨୮।୪(ଡି.ଏନ.ଏ.)**

ଗତ କିଛିଦିନ ହେଲା ଖୋର୍ଦ୍ଧା ଜିଲା ଚିଲିକା ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ଗୋଟିଏ ପଟେ ଅସହ୍ୟ ତାତି ଓ ଅନ୍ୟପଟେ ବେଆଇନ ଇଟାଭାଟିର ଉତ୍ତପ୍ତ ଧୂଆଁ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥର ଅଲାଇଡ଼ିହ ଛକଠାରୁ ଧୂଆଁଳ ମଧ୍ୟରେ ରାସ୍ତାପାର୍ଶ୍ୱ ଓ ଗ୍ରାମ ସନ୍ନିକଟ ଜନବସତି ଅଞ୍ଚଳରେ ଏକାଧିକ ବେଆଇନ ଇଟାଭାଟି ଗଢିଉଠିଛି। ଜନବସତି ଅଞ୍ଚଳରୁ ଦୂରତାକ୍ରମେ ଇଟାଭାଟି ଗଢିବା ନିୟମ ରହିଛି । କିନ୍ତୁ ଭାଟି ମାଲିକମାନେ ତହସିଲ ଓ ଜଙ୍ଗଲ ବିଭାଗ କର୍ମଚାରୀଙ୍କୁ ହାତବାରିସି କରି ଇଟାଭାଟି ଗଢି ବେଶ୍ ମୁନାଫା କମାଇବାରେ ଲାଗିଛନ୍ତି। ଗ୍ରୀଷ୍ମ ତାତିରେ ଲୋକେ ଡହଳବିକଳ ହେଉଥିବା ବେଳେ ଇଟାଭାଟିର ବିଷାକ୍ତ ଧୂଆଁ ପରିବେଶ ପ୍ରଦୂଷିତ କରୁଛି। ଇଟାଭାଟିର ଧୂଆଁ ତାତି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଜାରି ରହିଥିବାରୁ ଲୋକେ ଶାନ୍ତିରେ ନିଦ୍ରା ଯାପନ କରିପାରୁନାହାନ୍ତି। ବିଶେଷ କରି ଧୂଆଁଳ, ଗୋପୀନାଥପୁର, ବିଷ୍ଣୁଡ଼ିହ, କୋତରୀ, ଖଣତ ସମେତ ରାଜପଥ ପାର୍ଶ୍ୱ ଅଞ୍ଚଳବାସୀ ଏହି ଅସୁବିଧା ଭୋଗୁଛନ୍ତି। ଭାଟି ପାର୍ଶ୍ୱ ରାଜପଥ ଦେଇ ଦୈନନ୍ଦିନ ପ୍ରଶାସନିକ ଅଧିକାରୀ ଯାତାୟାତ କରୁଥିଲେ ମଧ ଏ ଦିଗରେ କାହାର ଦୃଷ୍ଟି ନ ପଡ଼ିବା ଅଞ୍ଚଳବାସୀଙ୍କୁ ଆଚମ୍ଭିତ କରିଛି । ଏ ସଂକ୍ରାନ୍ତରେ ବାଣପୁର ତହସିଲଦାର ସସ୍ମିତା ବାରିକଙ୍କୁ ପଚାରିବାରୁ ସେ କହିଥିଲେ, ଗ୍ରୀଷ୍ମରତୁ ପ୍ରାରମ୍ଭରୁ ସମ୍ପୃକ୍ତ ଭାଟି ମାଲିକଙ୍କୁ ସଚେତନ କରାଯାଇଥିଲା । ଯଦି କେହି ଆଇନକୁ ଖିଲାପ କରୁଛି, ନିକଟସ୍ଥ ରାଜସ୍ୱ ନିରୀକ୍ଷକଙ୍କୁ ପଠାଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ଇଟାଭାଟି।

## ଶିକ୍ଷା ବିଭାଗ ଆଇନ ଉଲ୍ଲଂଘନ ଅଭିଯୋଗ

# ସ୍କୁଲ ପାଠପଢ଼ାକୁ ଅଣଦେଖା, କୋଚିଂକୁ ଗୁରୁତ୍ୱ

**ନୂଆଗାଁ,୨୮।୪(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ଶିକ୍ଷା କାର୍ଯ୍ୟାଳୟ ଅଧୀନରେ କାର୍ଯ୍ୟରତ ଅନେକ ଶିକ୍ଷୟିତ୍ରୀ/ଶିକ୍ଷକ, ଅଧାପିକା/ଅଧାପକ ଶିକ୍ଷା ବିଭାଗ ଆଇନକୁ ଉଲ୍ଲଂଘନ କରି ନିଜ ଘରେ କୋଚିଂ ସେଣ୍ଟର ଓ ହଷ୍ଟେଲ ଖୋଲୁଥିବା ନେଇ ଅଭିଯୋଗ ହେଉଛି। ଶିକ୍ଷା ବିଭାଗ ଅଧିନିୟମ (୨୮) ଅନୁସାରେ ସରକାରଙ୍କ ଅଧୀନରେ କାର୍ଯ୍ୟରତ ତଥା କୌଣସି ସ୍କୁଲର ଶିକ୍ଷୟିତ୍ରୀ କିମ୍ବା ଶିକ୍ଷକ, ଅଧାପିକା/ଅଧାପକ ଘରୋଇ ଟ୍ୟୁଶନ୍ କରିପାରିବେ ନାହିଁ । କୌଣସି କୋଚିଂ ସେଣ୍ଟର ଖୋଲିବା, ପରୋକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ନିଯୁକ୍ତି ହେବା ମଧ ଆଇନ ବିରୁଦ୍ଧ । ଏହା ଉଲ୍ଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିନ୍ତୁ ଆଦିବାସୀ ଅଧୁଷିତ ନୂଆଗାଁ ବ୍ଲକରେ ଅନେକ ଶିକ୍ଷୟିତ୍ରୀ, ଶିକ୍ଷକ ଏହି ନିୟମକୁ ମାନୁ ନ ଥିଲେ ମଧ ବିଭାଗୀୟ ଅଧିକାରୀଙ୍କ ନୀରବତା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ଅଞ୍ଚଳବାସୀ ସେମାନଙ୍କ ସୀମିତ ରୋଜଗାରରେ ପିଲାମାନଙ୍କୁ ପାଠ ପଢ଼ାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖିଥାନ୍ତି। କିନ୍ତୁ ସ୍କୁଲ/କଲେଜରେ ଶିକ୍ଷାଦାନକୁ ଅବହେଳା କରାଯାଉଥିବାରୁ ପିଲାମାନେ ପାଠପଢ଼ାରେ ଦୁର୍ବଳ ହେଉଛନ୍ତି। ପ୍ରତି ମାସରେ ଟଙ୍କା ଖର୍ଚ୍ଚକରି ପିଲାମାନଙ୍କୁ ଟ୍ୟୁଶନ୍ ଛାଡିବା ସ୍ଥାନୀୟ ଲୋକଙ୍କ ପାଇଁ ଅସମ୍ଭବ ହୋଇପଡ଼ିଥାଏ। ଏ ପରିପ୍ରେକ୍ଷୀରେ କୋଚିଂ ସେଣ୍ଟର ପ୍ରତି ଗୁରୁତ୍ୱ ଦେଇ ସ୍କୁଲ୍, କଲେଜ ଶିକ୍ଷାଦାନକୁ ଏହି ଶିକ୍ଷୟିତ୍ରୀ/ଶିକ୍ଷକମାନେ ଅବହେଳା କରୁଥିବାରୁ ପିତାମାତାଙ୍କ ସ୍ୱପ୍ନ ସଫଳତାକୁ ଛୁଇଁବା କଷ୍ଟ ମନେହୋଇଥାଏ। ଏପରି କି ଘରୋଇ ଶିକ୍ଷକମାନେ ପରୀକ୍ଷା ସମୟରେ ଟ୍ୟୁଶନ୍ ହେଉଥିବା ଛାତ୍ରୀଛାତ୍ରଙ୍କୁ କପି ଯୋଗାଉଥିବା ନଜିର ରହିଛି। ଏଥିପ୍ରତି ଶିକ୍ଷାଧିକାରୀଙ୍କ କୌଣସି ପଦକ୍ଷେପ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କଠାରୁ ଦରମା ପାଇ ପୁଣି କୋଚିଂ ସେଣ୍ଟରରୁ ଆୟ କରିବା ନିଶା ହୋଇଗଲାଣି। ଏ ନେଇ ବାରମ୍ବାର ବ୍ଲକ, ଜିଲା ଶିକ୍ଷାଧିକାରୀଙ୍କୁ ଅବଗତ କଲା ପରେ ମଧ କୌଣସି ସୁଫଳ ମିଳି ନ ଥିବାରୁ ସାଧାରଣରେ ଆଲୋଚନା ହେଉଛି। ନୟାଗଡ ଜିଲା ଶିକ୍ଷାଧିକାରୀ ଶିବ ଶଙ୍କର ପ୍ରଧାନ କୋଚିଂ ସେଣ୍ଟର ଓ ବିଭାଗୀୟ ଅଧିକାରୀଙ୍କ ସମ୍ପୃକ୍ତିକୁ ଖଣ୍ଡନ କରିବା ସହ ଏହାର ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ।




ନୂଆଗାଁ ବ୍ଲକ ଶିକ୍ଷା କାର୍ଯ୍ୟାଳୟ।